₹ : 25

www.amarisatya.in


# ଆମରି ସତ୍ୟ

## AMARI SATYA

Zùdi\g ah, @Âc iiLýi
ù`adiei 2023, _Âi iiLýi 36

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24




Happy New Year
2023
May your troubles be less,
and your blessing be more, and nothing but
happiness come through your door!
Soni Jewellers
Raja Bazar, Jatni, Odisha Mob. 7978114496

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ♦ ଅଷ୍ଟମ ସଂଖ୍ୟା ♦ ଫେବୃୟାରୀ ୨୦୨୩


**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮


**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ ) | ଟ.୩୦୦୦/- |

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା
**ରାମଶଙ୍କର**
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ବଜେଟ୍ | ଡ଼. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୫. | ପଦ୍ମ ପୁରସ୍କାର ୨୦୨୩ | ଡ଼. ପ୍ରମୋଦ ଚନ୍ଦ୍ର ଦାଶ | ୬ |
| ୬. | ଅସମ୍ଭବ ବି ସମ୍ଭବ | ରମାକାନ୍ତ ମିଶ୍ର | ୭ |
| ୭. | ସାହିତ୍ୟ ଓ ସାହିତ୍ୟିକ | ବିଭୁତିଭୂଷଣ ସେନାପତି | ୮ |
| ୮. | ପିଲାଦିନ | ଡକ୍ଟର ରାଜକିଶୋର ପାଢ଼ୀ | ୯ |
| ୯. | ବାପା | ତ୍ରିଲୋଚନ ମହାପାତ୍ର | ୧୧ |
| ୧୦. | ମୋ ଭାଷା ଓଡ଼ିଆ... | ଲୋହିତ ମହାପାତ୍ର | ୧୧ |
| ୧୧. | ମରଣ ଆବାହନୀ | ଉମାଶଙ୍କର ପ୍ରସାଦ | ୧୧ |
| ୧୨. | ମହାମନୀଷୀ ମନୋଜ ଦାସ... | ମହୀଜା ଦଳବେହେରା | ୧୨ |
| ୧୩. | ମନୋଜ ଦାସ | ରାମଶଙ୍କର | ୧୩ |
| ୧୪. | ଅହିଂସା ଏକ ବିରଳ ବିଭବ | ତୁଳସୀ ଜୈନ | ୧୪ |
| ୧୫. | ଆମ ଅମୂଲ୍ୟ ଜାତୀୟ... | ଜବାହରଲାଲ ସୁବୁଦ୍ଧି | ୧୫ |
| ୧୬. | ବାବା ଆଖଣ୍ଡଳେଶ୍ୱର | ବାବାଜୀ ଚରଣ ଜେନା | ୧୫ |
| ୧୭. | ଯୋଶେଫ୍ ଶିରିଲ୍ ବାମଫୋର୍ଡ | ଇଂ ସତ୍ୟବ୍ରତ ରଥ | ୧୬ |
| ୧୮. | ସରୋଜିନୀ ନାଇଡୁ | ରାମଶଙ୍କର | ୧୭ |
| ୧୯. | ସତ୍ୟ ଶିବ ସୁନ୍ଦର | ସ୍ୱାମୀଶ୍ରୀ ଜୟଦେବ ଭାରତୀ | ୧୮ |
| ୨୦. | ବସନ୍ତ | ଡ଼. ସ୍ମିତା ମିଶ୍ର | ୧୮ |
| ୨୧. | ଜର୍ମାନୀର ହକି ବିଶ୍ୱକପ... | ଆଶିଷ କୁମାର ରାୟ | ୧୯ |
| ୨୨. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୨୩. | ଡ଼ାକଟିକଟରୁ ଜ୍ଞାନ | ଡ. ଭବାନୀ ଶଙ୍କର ଦାଶ | ୨୩ |
| ୨୪. | ସମ୍ବାଦ ବିଚିତ୍ରା | | ୨୪ |
| ୨୫. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୫ - ୩୨ |




## ସକାଳ ବନ୍ଦନା : ସଂଜପ୍ରାର୍ଥନା

ରମେଶ ମଙ୍ଗରାଜ



ତୁମେ ଏ ବିଶ୍ୱର ଏକା ହିଁ ଇଶ୍ୱର
ଜଗନ୍ନାଥ ମହାବାହୁ
ତମେ ମୋର ଆଶା ତମେ ମୋ ଭରସା
ତୁମ ଇଚ୍ଛା ପୂର୍ଣ୍ଣ ହେଉ ।।୦।।
ଜଳସ୍ଥଳ ବନ ପାହାଡ଼ କାନ୍ତାର
ଭୂମିଠାରୁ ଭୂମା ଯାଏ
ସବୁଠାରୁ ତୁମ ସ୍ୱରୂପ ବିସ୍ତାରି
ସୂକ୍ଷ୍ମରୂପେ ରହିଥାଏ
ନାହିଁ ମୋର ଜ୍ଞାନ ମୁଁ ପରା ଅଜ୍ଞାନ
ଏକଥା ଜାଣିବି କାହୁଁ ।।୧।।
ତୁମେ ଏ ବିଶ୍ୱର ......
ତୁମଠୁ ସର୍ଜ୍ଜନା ତୁମଠି ବିଲୟ
ତମେତ ପାଳନ କାରୀ
ବଞ୍ଚିଛି ପ୍ରଭୁହେ ତୁମରି ପାଇଁକି
ତୁମକୁ ଆଶ୍ରୟ କରି
ବିତିଯାଉ ଦିନ ଭାବରେ ସେବାରେ
ଏତିକି କରୁଣା ଥାଉ।।୨।।
ତୁମେ ଏ ବିଶ୍ୱର.........


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୨୬୨୮୦




ଭୁଲଟା ବୁଝିଲା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ କିଛି ନାହିଁ। - ଡାୟୋଜିନିସ



# ସମ୍ପାଦକୀୟ....

ସାଂପ୍ରତିକ ସମାଜରେ ଯାହା ଯାହା ଆଜି ଘଟୁଛି, ତାହା ମନରେ ସ୍ୱତଃ ଅନେକ ଗୁଡ଼ିଏ ପ୍ରଶ୍ନ ସୃଷ୍ଟି କରୁଛି। କରିବା ବି ସ୍ୱାଭାବିକ। କାରଣ, ସ୍ୱାଭାବିକତାର ଅର୍ଗଳି ବାହାରେ ଯଦି କିଛି ଘଟେ, ତେବେ ତାହା ମନରେ ପ୍ରଶ୍ନ ସୃଷ୍ଟି କରିବ ହିଁ କରିବ। ତେବେ, ଏହି ସ୍ୱାଭାବିକତା ଚିଜଟି କଣ। ମନ, ବିବେକ, ହୃଦୟର ସକାରାତ୍ମକ ବିନିଯୋଗରେ ଯେଉଁ ମାନବିକ ପ୍ରକ୍ରିୟା ସଂଘଟିତ ହୁଏ, ତାହା ସ୍ୱାଭାବିକ ଚେତନାର ଅଂଶ ସ୍ୱରୂପ ବୋଲି ବିବେଚନା ହୁଏ। ଏହା ଭିନ୍ନ ଯାହା ଯେଉଁଠି ଘଟେ ତାହା ଅସ୍ୱାବିକତାର କଦାକାର ପରିଣତି ବୋଲି ବିଚାର କରାଯାଏ।

ତେବେ, ଏହି ଅସ୍ୱାଭାବିକତାର ମୂଳ ହେତୁ କଣ ? ଏହା ମାନବିକ କ୍ରିୟାପ୍ରକ୍ରିୟାର ଅଂଶବିଶେଷ ନା ନାହିଁ ? ଯଦି ହଁ, ତେବେ ଏହା ମଣିଷ କରେ କାହିଁକି ? ବିଚାର ଓ ବିବେକ ବ୍ୟତିରେକେ ଏଭଳି କାର୍ଯ୍ୟ କରିବାକୁ ମଣିଷ ଆଗଭର ହୁଏ କାହିଁକି ? ଏମିତି ଅନେକ ପ୍ରଶ୍ନ, ଯାହା କାଳକାଳରୁ ଥିଲା, ରହିଛି ଓ ରହିଥିବ ବି।

ମାତ୍ର, ସଂପ୍ରତିକ କାଳରେ ଏହାର ବହୁଳ ପ୍ରଦର୍ଶନ ସମାଜକୁ ଏକପ୍ରକାର ବିକଳାଙ୍ଗ ଓ ବିଭସ୍ତ ପରିସ୍ଥିତି ଭିତରକୁ ଠେଲିଦେଇଛି। ମନ, ବିବେକ, ବିଚାରର ଉଚିତ ସମୀକରଣ ନହୋଇପାରିବାରୁ ପରସ୍ପର ପ୍ରତି ସନ୍ଦେହ, ବିଦ୍ୱେଷ ଓ ଭାବନାରେ ବିରାଗ ବସାବାନ୍ଧିଛି। କେହି କାହାକୁ ଆଖି ମିଶାଇ ଦେଖିବା ପୂର୍ବରୁ ମନରେ ସଂଶୟ ଦେଖାଦେଉଛି। ଠିକ୍ କଣ ଭୁଲ୍ କଣ ବିଚାର କରିବା ପୂର୍ବରୁ ମନ ସନ୍ଦିହାନ ହେଉଛି। ମୋଟାମୋଟି ଭାବରେ ମଣିଷ ସାମନା ମଣିଷଟିକୁ ଭୁଲିଯାଉଛି। ନିଜ ଉପସ୍ଥିତିକୁ ଜାହିର କରିବା କିମ୍ବା ନିଜକୁ ପ୍ରଦର୍ଶନ କରିବାପାଇଁ ବ୍ୟାକୁଳ ହୋଇଉଠୁଛି। ସେଥିରେ କାହାର କିଛି କ୍ଷତି ହେଉ ଅବା କାହାର ଜୀବନ ଚାଲିଯାଉ, ସେଥିକୁ ନଜର ଦେଉନି।

ଶୃଙ୍ଖଳିତ ଜୀବନ ଅବା ସୁସଂହତ ସମାଜର ବାସ୍ତବତା ସଂପ୍ରତିକ ସ୍ଥିତିରେ ତାର ମର୍ଯାଦା ହରେଇ ବସୁଛି। ସମାଜ ଯେ ଏକ ଅରାଜକତା ଆଡ଼କୁ ନିର୍ବିଘ୍ନରେ ଆଗେଇ ଚାଲିଛି, ଏକଥାକୁ ପ୍ରତ୍ୟକ୍ଷରେ ନହେଲେ ମଧ୍ୟ ଆମେ ସମସ୍ତେ ପରୋକ୍ଷରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛେ !

ତାହେଲେ କଣ ଏ ସମାଜ ଓ ବ୍ୟବସ୍ଥାର ଏଭଳି ଗୁଣାତ୍ମକ ଅବମୂଲ୍ୟାୟନକୁ ରୋକି ହେବନାହିଁ ? ଯଦି ରୋକି ହେବ, ତେବେ କିଏ ଏହାର ମଙ୍ଗୁଆଳ ହେବ ? କିଏ ଏହାପାଇଁ ଦିଗବାରିଣୀର କାର୍ଯ୍ୟ ସମାହିତ କରିବ ? ଏଥିପାଇଁ ଏକଥା ସ୍ପଷ୍ଟଭାବରେ କୁହାଯାଇପାରେ ଯେ, ସାମାଜିକ ବ୍ୟବସ୍ଥାର ବଡ଼ପଣ୍ଡାମାନେ, ନା ସମାଜପତି ନା ଧର୍ମପତି ନା କୌଣସି ରାଜନୈତିକ ବ୍ୟକ୍ତିବିଶେଷ କେବେ ମଧ୍ୟ ଏହାକୁ ଦିଗ୍‌ଦର୍ଶନ ଦେଇପାରିବେ ନାହିଁ। ଏଥିପାଇଁ କେବଳ ପାରିବାରିକ ସଂସ୍କାର, ଯାହା ପିତାମାତାଙ୍କ ଠାରୁ ଆରମ୍ଭହୁଏ, ତାହା ଏକ୍ଷେତ୍ରରେ ଉପଯୋଗୀ ହୋଇପାରିବ। ସୁତରାଂ, ନିଜର ପିଲାମାନଙ୍କୁ ପରବର୍ତ୍ତୀ ସମୟର ସୁନାଗରିକ ଭାବରେ ଦେଖିବାକୁ ପିତାମାତା ଯେପରି ସ୍ୱପ୍ନ ଦେଖନ୍ତି, ତାହାକୁ ସାକାର କରିବାକୁ ସେମାନେ କାୟମନୋବାକ୍ୟରେ ନିଜକୁ ଉତ୍ସର୍ଗ କରିପାରିଲେ ଆଗାମୀ ସମାଜ ସୁଧୁରିଯିବ, ଏଥିରେ ସନ୍ଦେହ ନାହିଁ।

ଡ ପ୍ରସନ୍ନ କୁମାର ଜେନା



ଅବାନ୍ତର ଓ ନିରର୍ଥକ କଥାଗୁଡ଼ିକ କହିଗଲେ ଗଧ ଓ ମଣିଷ ଭିତରେ କିଛି ତଫାତ୍ ନାହିଁ; କାରଣ ଉଭୟେ ତ କେବଳ ବୋବାଉଛନ୍ତି। - ଇଣ୍ଟେଂଜ

# ହିତବାଣୀ



## ଗୀତା

*ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ, ଶୀତୋଷ୍ଣସୁଖଦୁଃଖଦାଃ।*
*ଆଗମାପାୟିନୋଽନିତ୍ୟା, ସ୍ତାଂସ୍ତିତିକ୍ଷସ୍ୱ ଭାରତ।।*
*ଯଂ ହି ନ ବ୍ୟଥୟନ୍ତ୍ୟେତେ, ପୁରୁଷଂ ପୁରୁଷର୍ଷଭ।*
*ସମଦୁଃଖସୁଖଂ ଧୀରଂ, ସୋଽମୃତତ୍ୱାୟ କଳ୍ପତେ।।*

ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ମନୁଷ୍ୟ ସୁଖ ଦୁଃଖ ଭୋଗ କରେ। ଏହି ଯାହା ସବୁ ଅନିତ୍ୟ ଏ ସବୁରେ ତୁମ୍ଭେ ବିଚଳିତ ହୁଅ ନାହିଁ। ଯେଉଁ ଲୋକ ସୁଖ ଦୁଃଖକୁ ସମାନ ଜ୍ଞାନ କରେ ସେ କେବେ ବିଚଳିତ ହୁଏ ନାହିଁ, ତେଣୁ ସେ ମୁକ୍ତି ପାଏ।

## ଭାଗବତ ବାଣୀ

ଯେ ପ୍ରାଣୀ ପର ହିଂସା କରେ। ଦେବତା ପୂଜି ସେ ନ ତରେ।।
ସାଧୁଜନଙ୍କ ମତ ଏହି। ଯେ ପର ଦୁଃଖେ ଦୁଃଖ ସହି।।
କରନ୍ତି ପର ଉପକାର। ଧନ୍ୟ ଜୀବନ ତାହାଙ୍କର।।

## ରୁଢ଼ି ପ୍ରୟୋଗ

ଉଡ଼ିଗଲା ଚଢ଼େଇର ପର ଗଣିବା
- ବୁଦ୍ଧି ପ୍ରୟୋଗ କରି ସବୁ ଜାଣିପାରିବା।

## ଅମର ଲେଖନୀରୁ

ଟାଣ କରିଛୁ ମନ ସବୁ ମୋହରି
ଟଳି ପଡିଲେ କେହି ନୁହେଁ କାହାରିରେ,
ଟେରା ଭିତରେ ଯେହ୍ନେ ଅପୂର୍ବ ନାରୀ,
ଟୋପାଚଉଁରା ଅଛି ତୋ ଦେହ ଘେରି ଯେ।

- ଭକ୍ତଚରଣ ଦାସ

## ଚାଣକ୍ୟ ନୀତି

ଠିକ୍ ସମୟରେ ପରିଚୟ ମିଳିଥାଏ :

*ଜାନୀୟାତ୍ପ୍ରେଷଭୃତ୍ୟାନ୍ ବାନ୍ଧବାନ୍ ବ୍ୟସନାଽଽଗମେ।*
*ମିତ୍ରଂ ଯାଽଽପତିକାଲେଷୁ ଭାର୍ଯ୍ୟାଂ ଚ ବିଭବକ୍ଷୟେ।।*

ଆଚାର୍ଯ୍ୟ ଚାଣକ୍ୟ ସମୟ ଆସିଲେ ସଂପର୍କୀୟଙ୍କ ପରୀକ୍ଷା କରାଯିବା ସମ୍ବନ୍ଧରେ କହିଛନ୍ତି, କୌଣସି ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ପଠାଇଲା ବେଳେ ଚାକର ବା ସେବକକୁ ପରୀକ୍ଷା କରାଯାଇଥାଏ। ଦୁଃଖ ସମୟରେ ବନ୍ଧୁ-ବାନ୍ଧବମାନଙ୍କୁ, ବିପଦ-ଆପଦ ବେଳେ ମିତ୍ରଙ୍କୁ ତଥା ଧନ ନଷ୍ଟ ହୋଇଗଲେ ପତ୍ନୀଙ୍କୁ ପରୀକ୍ଷା କରାଯାଇଥାଏ।

## ନୀତିଶ୍ଳୋକ

*ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍।*
*ପରିବର୍ତ୍ତିନି ସଂସାରେ ମୃତଃ କୋ ବା ନ ଜାୟତେ।।*

ଯେଉଁ ପୁତ୍ର ଜାତ ହେବା ଦ୍ୱାରା କୁଳର ଗୌରବ ବୃଦ୍ଧି ପାଏ ତାହାର ଜନ୍ମ ସାର୍ଥକ। ତାହା ନ ହେଲେ ପରିବର୍ତ୍ତନଶୀଳ ସଂସାରରେ କେତେ ଅବା ମରୁ ନାହାନ୍ତି ପୁଣି ମରିବା ପରେ ଜନ୍ମ ହେଉ ନାହାନ୍ତି।

## ପ୍ରବାଦ

ଅଦିନ କୁହୁଡ଼ି ଆସିଲା ମାଡ଼ି
ଅଦିନେ ମିଳିଲା ଦେଖା
ପର ପୁଅ ଆଣି ପୋଷା ପୁଅ କଲି
କେଉଁ ପୁଅରେ ସେ ଲେଖା।

ଏହି ଢଗରେ ପୋଷ୍ୟପୁତ୍ରର କର୍ତ୍ତବ୍ୟପରାୟଣତା ପ୍ରତି ସନ୍ଦେହ ବ୍ୟକ୍ତ କରାଯାଇଛି।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର, ଇଚ୍ଛାର ଅନ୍ୟ ନାମ ହେଉଛି ମହତ୍‌ପଣିଆ। - ସ୍ପେନ୍‌ସର

# ବଜେଟ୍



**ଡ଼. ପ୍ରମୋଦ ଚନ୍ଦ୍ର ଦାଶ**

ଭାରତର ୟୁନିୟନ ବଜେଟ୍, ଯାହାକୁ ଭାରତର ସମ୍ବିଧାନର ଧାରା ୧୧୨ରେ 'ବାର୍ଷିକ ଆର୍ଥିକ ବିବରଣୀ' ମଧ୍ୟ କୁହାଯାଏ । ଫେବୃଆରୀ ପ୍ରଥମ ଦିନରେ, ଭାରତ କେନ୍ଦ୍ର ସରକାର ଏହାକୁ ଉପସ୍ଥାପନ କରିଛନ୍ତି ଯାହା ଦ୍ୱାରା ଏପ୍ରିଲରେ ନୂତନ ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ଏହା ବାସ୍ତବ ରୂପ ନେଇପାରିବ। ୨୦୧୬ ପର୍ଯ୍ୟନ୍ତ ଏହାକୁ ସଂସଦରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଫେବୃଆରୀର ଶେଷ କାର୍ଯ୍ୟ ଦିବସରେ ଉପସ୍ଥାପିତ କରାଯାଇଥିଲା । ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ୍ ବିଭାଗ ହେଉଛି ବଜେଟ୍ ଆକଳନ ପାଇଁ ଦାୟୀ ନୋଡାଲ୍ ସଂସ୍ଥା । ଫାଇନାନ୍ସ ବିଲ୍ ମାଧ୍ୟମରେ ଏହା ଉପସ୍ଥାପିତ ହୋଇଛି ଏବଂ ଭାରତର ଆର୍ଥିକ ବର୍ଷ ଆରମ୍ଭ ହେବାକୁ ଥିବା ଏପ୍ରିଲ୍ ୧ ତାରିଖରୁ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ଆପ୍ରୋପ୍ରିଏସନ୍ ବିଲ୍ ଲୋକସଭାରେ ପାରିତ ହେବାକୁ ପଡିବ ।

ସ୍ୱାଧୀନ ଭାରତର ପ୍ରଥମ ୟୁନିଅନ୍ ବଜେଟ୍ ୨୬ ନଭେମ୍ବର ୧୯୪୭ରେ ଆର.କେ ଶନମୁଖମ୍ ଚେଟିଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା । ୧୯୪୭ ପରଠାରୁ ସମୁଦାୟ ୭୪ଟି ବାର୍ଷିକ ବଜେଟ୍, ୧୪ଟି ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଏବଂ ୪ଟି ସ୍ୱତନ୍ତ୍ର ବଜେଟ୍ ବା ମିନି-ବଜେଟ୍ ଉପସ୍ଥାପିତ ହୋଇଛି । ମୋରାରଜୀ ଦେଶାଇ ସର୍ବାଧିକ ୧୦ଟି ବଜେଟ୍ (ଆଠଟି ବାର୍ଷିକ ଏବଂ ଦୁଇଟି ମଧ୍ୟବର୍ତ୍ତୀ) ଉପସ୍ଥାପନ କରିଛନ୍ତି । ଚିନ୍ତାମନ ଦ୍ୱାରକାନାଥ ଦେଶମୁଖଙ୍କ କାର୍ଯ୍ୟକାଳରେ ପ୍ରଥମ ଥର ପାଇଁ ହିନ୍ଦୀରେ ବଜେଟ୍ କାଗଜପତ୍ର ପ୍ରସ୍ତୁତ କରାଯାଇଥିଲା। ୧୯୬୯ରେ ମୋରାରଜୀ ଦେଶାଇଙ୍କ ଇସ୍ତଫା ପରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଇଥିବା ପ୍ରଥମ ମହିଳା ହୋଇଥିଲେ।

୧୯୯୯ ମସିହା ପର୍ଯ୍ୟନ୍ତ, ଫେବୃଆରୀ ମାସର ଶେଷ କାର୍ଯ୍ୟ ଦିବସରେ ସନ୍ଧ୍ୟା ୫ଟାରେ ୟୁନିୟନ ବଜେଟ୍ ଘୋଷଣା କରାଯାଉଥିଲା । ଏହି ପରମ୍ପରା ଉପନିବେଶ ଯୁଗରୁ ପ୍ରଚଳିତ ଥିଲା । ୨୦୦୧ରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅଧୀନରେ ଭାରତର ତତ୍କାଳୀନ ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନା ସକାଳ ୧୧ଟାରେ ୟୁନିଅନ୍ ବଜେଟ୍ ଉପସ୍ଥାପନା କରି ନୂତନ ପରମ୍ପରା ଆରମ୍ଭ କରିଥିଲେ। ପୁନର୍ବାର ୨୦୧୭ରେ, ଫେବୃଆରୀର ଶେଷ କାର୍ଯ୍ୟ ଦିବସରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବାର ଔପନିବେଶିକ ଯୁଗର ପରମ୍ପରାରୁ ବିଦାୟ ନେଇ, ନରେନ୍ଦ୍ର ମୋଦୀଙ୍କ ସରକାରରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଫେବୃଆରୀ ୧ରେ ଉପସ୍ଥାପିତ ହୋଇଥିଲା । ଅତିରିକ୍ତ ଭାବରେ ୯୨ବର୍ଷ ପାଇଁ ପୃଥକ ଭାବରେ ଉପସ୍ଥାପିତ ହୋଇ ଆସୁଥିବା ରେଳ ବଜେଟ୍, ୟୁନିଅନ୍ ବଜେଟ୍ ସହିତ ମିଶ୍ରିତ ହେଲା । ୟୁନିୟନ ବଜେଟର କିଛି ଦିନ ପୂର୍ବରୁ ୨୦୧୬ ପର୍ଯ୍ୟନ୍ତ ରେଳ ବଜେଟ୍ ପ୍ରତିବର୍ଷ ଉପସ୍ଥାପିତ ହେଉଥିଲା। ଶେଷ ରେଳ ବଜେଟ୍ ୨୫ ଫେବୃଆରୀ ୨୦୧୬ ରେ ଶ୍ରୀ ସୁରେଶ ପ୍ରଭୁଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା ।

ସଂସଦରେ ଉପସ୍ଥାପନ କରିବାର ପ୍ରାୟ ଏକ ସପ୍ତାହ ପୂର୍ବରୁ ବଜେଟ୍ ଡକ୍ୟୁମେଣ୍ଟଗୁଡିକର ମୁଦ୍ରଣ ଆରମ୍ଭ ହୁଏ । ଅର୍ଥମନ୍ତ୍ରୀ ଏକ ପାରମ୍ପାରିକ 'ହାଲୱା ସମାରୋହ' ଅନୁଷ୍ଠାନ କରି ବଜେଟ ପାଇଁ ବ୍ୟସ୍ତ ସମ୍ପୃକ୍ତ ଅଧିକାରୀ ଏବଂ ସହାୟତା କର୍ମଚାରୀଙ୍କ ପାଇଁ ହାଲୱା ପରିବେଷଣ କରିଥାନ୍ତି । ବଜେଟ୍ ଉପସ୍ଥାପିତ ନହେବା ପର୍ଯ୍ୟନ୍ତ ସେମାନେ ଅଲଗା ରୁହନ୍ତି ଏବଂ ଉତ୍ତର ବ୍ଲକ କାର୍ଯ୍ୟାଳୟରେ ରୁହନ୍ତି । ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କିଛି ମିଠା ହେବାର ଭାରତୀୟ ପରମ୍ପରାର ଏକ ଅଂଶ ଭାବରେ ଏହି ସମାରୋହ ଅନୁଷ୍ଠିତ ହୁଏ । କିନ୍ତୁ ୨୦୨୨ରେ ହାଲୱା ତିଆରି କରିବାର ପରମ୍ପରା ପାଳନ କରାଯାଇନଥିଲା ଏବଂ ଭବିଷ୍ୟତରେ ଏହାର ସ୍ଥିତି ଅସ୍ପଷ୍ଟ ।

୨୦୧୮ ପର୍ଯ୍ୟନ୍ତ, ପରମ୍ପରାର ଏକ ଅଂଶ ଭାବରେ ଅର୍ଥମନ୍ତ୍ରୀମାନେ ଏକ ଚମଡ଼ା ବ୍ରିଫକେସରେ ବଜେଟ୍ ବହନ କରୁଥିଲେ । ଏହି ପରମ୍ପରାକୁ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର.କେ ଶାନମୁଖମ୍ ଚେଟ୍ଟି ପ୍ରତିଷ୍ଠା କରିଥିଲେ । ୫ ଜୁଲାଇ ୨୦୧୯ରେ ନିର୍ମଳା ସୀତାରମଣ ବହି-ଖାତାରେ ବଜେଟ୍ ନେଇ ଏହି ପରମ୍ପରାକୁ ଭାଙ୍ଗିଥିଲେ । ୧ ଫେବୃଆରୀ ୨୦୨୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଥମ କାଗଜହୀନ ବଜେଟ୍ ଉପସ୍ଥାପନ କରିଥିଲେ। ଭାରତରେ ଚାଲିଥିବା କୋଭିଡ-୧୯ ମହାମାରୀ ଯୋଗୁଁ ଏହା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଚ୍ଚାଭିଳାଷୀ 'ଡିଜିଟାଲ ଇଣ୍ଡିଆ ମିଶନ'କୁ ମଜବୁତ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି ବିବେଚନା କରାଯାଏ।




ମିଥ୍ୟା ଅତି ବିପଦଜନକ, କାରଣ ସେ ଭଗବାନଙ୍କୁ ଡରେ ନାହିଁ, ମନୁଷ୍ୟକୁ ଡରେ। – ପ୍ଲୁଟାକ

# ପଦ୍ମ ପୁରସ୍କାର ୨୦୨୩

**ଡ଼. ପ୍ରମୋଦ ଚନ୍ଦ୍ର ଦାଶ**

୨୦୨୩ ବର୍ଷ ପାଇଁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମ ପୁରସ୍କାର', ୭୪ତମ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଛି। ଓଡିଶାର ୪ ଜଣ ଅନନ୍ୟ ବ୍ୟକ୍ତିତ୍ୱଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ। ସେମାନେ ହେଲେ, କଳା କ୍ଷେତ୍ରରେ ବିଶିଷ୍ଟ କଣ୍ଢେଇ ନୃତ୍ୟ ଗୁରୁ ଶ୍ରୀ ମାଗୁଣି ଚରଣ କୁଅଁର, ଭାଷା ଓ ସାହିତ୍ୟ ପାଇଁ ବିଶିଷ୍ଟ ସ୍ତମ୍ଭକାର ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଲୋକକଳା କ୍ଷେତ୍ରରେ ଦେଶବିଦେଶରେ ପ୍ରସିଦ୍ଧ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ଗାୟିକା କୃଷ୍ଣ ପଟେଲ ଏବଂ କୃଷି କ୍ଷେତ୍ରରେ ଔଷଧୀୟ ବୃକ୍ଷ ଚାଷୀ ଶ୍ରୀ ପଟ୍ଟାୟତ ସାହୁ।

## ମାଗୁଣି ଚରଣ କୁଅଁର



କେନ୍ଦୁଝର ପୁରୁଣା ସହରର ବୈଦ୍ୟରାଜ ସାହି ବାସିନ୍ଦା ୮୪ ବର୍ଷୀୟ କଣ୍ଢେଇ ନୃତ୍ୟ ଗୁରୁ ଶ୍ରୀ ମାଗୁଣି ଚରଣ କୁଅଁର ମଧ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଜଣେ ଉଚ୍ଚକୋଟିର ମୂର୍ତ୍ତି ଶିଳ୍ପୀ ହେବା ସହିତ କଣ୍ଢେଇ ନୃତ୍ୟ ପରିବେଷଣ କରିବାରେ ପାରଙ୍ଗମ ।

## କୃଷ୍ଣା ପଟେଲ



ସମ୍ବଲପୁର କୁଚିଣ୍ଡା ବ୍ଲକର ବାବୁନିକ୍ତିମାଲ ଗାଁରେ ଜନ୍ମିତ ପ୍ରସିଦ୍ଧ ଲୋକଗାୟିକା କୃଷ୍ଣା ପଟେଲ ଜଣେ ସ୍ୱୀକୃତିପ୍ରାପ୍ତ ସ୍ୱର ଏବଂ ଟେଲିଭିଜନ କଳାକାର ଏବଂ ସମ୍ବଲପୁର କଳା ପରିଷଦର ଜଣେ ସକ୍ରିୟ ସଦସ୍ୟ । ଏହା ପୂର୍ବରୁ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନୀତ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ଲାଭ କରିଛନ୍ତି । ସେ ବହୁପ୍ରସିଦ୍ଧ ସମ୍ବଲପୁରୀ ଗୀତ 'ରଙ୍ଗବତୀ' ର ସହ-ଗାୟିକା ଅଟନ୍ତି । ଏହା ପୂର୍ବରୁ 'ରଙ୍ଗବତୀ' ଗୀତିକାର ମିତ୍ରଭାନୁ ଗାଉଣ୍ଟିଆ ଏବଂ ଗାୟକ ଜିତେନ୍ଦ୍ର ହରିପାଲଙ୍କୁ 'ରଙ୍ଗବତୀ' ଗୀତ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

## ଡ. ଅନ୍ତର୍ଯ୍ୟାମୀ ମିଶ୍ର



ଢେଙ୍କାନାଳ ଜିଲ୍ଲା ବାସିନ୍ଦା ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଜଣେ ସାରସ୍ୱତ ଓ ଆଧାତ୍ମିକ ସାହିତ୍ୟିକ ତଥା ସୁନାମଧନ୍ୟ ସ୍ତମ୍ଭକାର, ଗବେଷକ, ଭାଷାବିତ। ସେ ଗତ ୫୦ ବର୍ଷ ଧରି ଓଡିଆ ଭାଷା, ବ୍ୟାକରଣ, ସଂସ୍କୃତି ଏବଂ ଇତିହାସରେ ଅଧ୍ୟୟନ ତଥା ଅନୁସନ୍ଧାନରେ ସହଯୋଗ କରିଆସୁଛନ୍ତି। ୨୦୧୯ରେ ଶାସ୍ତ୍ରୀୟ ଓଡିଆ ଭାଷା ତଥା ପୁସ୍ତକ ଲେଖାରେ ତାଙ୍କର ଅବଦାନ ପାଇଁ ଓଡିଶାର ପ୍ରଥମ ବ୍ୟକ୍ତି ଭାବେ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନୀତ ହୋଇଛନ୍ତି ।

## ପଟ୍ଟାୟତ ସାହୁ



ଦିନରେ କୃଷକ ତଥା ରାତିରେ ଆୟୁର୍ବେଦ ଅଭ୍ୟାସ କରୁଥିବା ୬୫ ବର୍ଷୀୟ ପଟ୍ଟାୟତ ସାହୁ କାଳାହାଣ୍ଡି ଜିଲ୍ଲାର ନନ୍ଦୋଲ ଗାଁର ବାସିନ୍ଦା । ତାଙ୍କ ଘର ପଛପଟେ ୧.୫ ଏକର ଜମିରେ ବ୍ୟାପିଥିବା ବଗିଚାରେ ପ୍ରାୟ ୩୦୦୦ ଔଷଧୀୟ ବୃକ୍ଷ ପାଇଁ ସମୟ ବିନିଯୋଗ କରୁଛନ୍ତି। ସେ କେବଳ ଜୈବିକ ଖତ ବ୍ୟବହାର କରୁଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୮୧ତମ ପର୍ଯ୍ୟାୟରେ ସାହୁଙ୍କୁ ପ୍ରାକୃତିକ ସ୍ୱାସ୍ଥ୍ୟସେବା ଉତ୍ପାଦର ବିକାଶରେ ଅବଦାନ ପାଇଁ ପ୍ରଶଂସା କରିଥିଲେ।



ଦୁଃଖ ଓ ମନୁଷ୍ୟ - ଏ ଦୁହେଁ ଜନ୍ମରୁ ଯାଆଁଳା ଭାଇ। - ହୋମର

# ଅସମ୍ଭବ ବି ସମ୍ଭବ



ରମାକାନ୍ତ ମିଶ୍ର

ଦିନକର ଘଟଣା। ମହାରାଜ ଭୋଜ ସିଂହାସନରେ ବସିଥାନ୍ତି। ମନ୍ତ୍ରୀ ଓ ପାରିଷଦ ବର୍ଗ ନିଜ ନିଜ ଆସନରେ ବସି ମହାରାଜ ଓ ବହୁଶାସ୍ତ୍ରଦର୍ଶୀ ପଣ୍ଡିତମାନଙ୍କର ଶାସ୍ତ୍ରତର୍କ ଶୁଣୁଥାନ୍ତି। ସହସା ରାଜାଙ୍କ ମୁଖରୁ ଗୋଟିଏ ପ୍ରଶ୍ନ ଆସିଲା। ପ୍ରଶ୍ନଟି ଏପରି ଯେ ହୁତାଶନଶ୍ଚନ୍ଦନପଙ୍କ ଶୀତଳଃ” ଅର୍ଥାତ୍ “ଅଗ୍ନି ଚନ୍ଦନ ପଙ୍କ ପରି ଶୀତଳ” ଏହି ଫକ୍‌ତିଟିକୁ ବ୍ୟବହାର କରି ଗୋଟିଏ ଯଥାର୍ଥ ଶ୍ଳୋକ ଯେ କୌଣସି ପଣ୍ଡିତ ରଚନା କରି ପାଠ କରନ୍ତୁ। ଶାସ୍ତ୍ର ପାରଦର୍ଶୀ ପଣ୍ଡିତମାନଙ୍କୁ ଏ ପ୍ରକାର ପ୍ରଶ୍ନ ବିସ୍ମିତ କଲା। ସେମାନେ ପରସ୍ପର ମଧ୍ୟରେ ଆଲୋଚନାରତ ହେଲେ।

ଏହା କ’ଣ ସମ୍ଭବ? ଅଗ୍ନି କେବେ ଚନ୍ଦନ ପଙ୍କ ପରି ଶୀତଳ ହୋଇପାରେ? ତେବେ ମହାରାଜ ଏପରି ପ୍ରଶ୍ନ ପଚାରିବାର ରହସ୍ୟ କ’ଣ? ସମସ୍ତ ପଣ୍ଡିତ ନିଜ ନିଜର ବୁଦ୍ଧି ବିଦ୍ୟାର ବଳ, କଳ, କୌଶଳ ଲଗାଇ ଶ୍ଳୋକ ରଚନା କରିବାର ପ୍ରଚେଷ୍ଟା କଲେ। କିନ୍ତୁ ଫଳ କିଛି ହେଲା ନାହିଁ। ବହୁ ଭାବନା ଜନିତ ଶିରୋବ୍ୟଥା ହିଁ ସାର ହେଲା।

କିଛି ସମୟ ପରେ ସର୍ବ ଶାସ୍ତ୍ର ପାରଂଗତ, କଳ୍ପନାକୁଶଳୀ ତଥା ବାଣୀଙ୍କର ପୁତ୍ର କାଳିଦାସ ଆସି ସଭାରେ ଉପସ୍ଥିତ ହେଲେ। ନିଜ ଆସନରେ ବସିବା ପରେ ସମସ୍ତ ପଣ୍ଡିତଙ୍କର ମୁଖରେ ସେ ବିସ୍ମୟ ଓ ଆଶଙ୍କାର ଚିହ୍ନ ଦେଖିଲେ। କିଛି ଗୋଟିଏ ଅସମାହିତ ପ୍ରଶ୍ନ ନିଶ୍ଚିତ ଅଛି ବୋଲି ମନେ ମନେ ବିଚାର କଲେ କାରଣ କେଉଁ ପଣ୍ଡିତ ଉର୍ଦ୍ଧ୍ୱମୁଖ ହୋଇ ଭାବନାରତ ତ ଆଉ କିଏ ଅଧୋମୁଖ ହୋଇ ବସିଛନ୍ତି। କିଏ ତ ଏଣେ ତେଣେ ଚାହିଁ କିଛି ଚିନ୍ତାକରି ମୁଣ୍ଡ ହଲାଉଛନ୍ତି। କାଳିଦାସ ସ୍ୱାଭାବିକ ଢ଼ଙ୍ଗରେ ବସି ରହସ୍ୟ ଜିଜ୍ଞାସୁ ହୋଇ କେତେବେଳେ ରାଜାଙ୍କୁ ତ କେତେବେଳେ ପଣ୍ଡିତମାନଙ୍କୁ ଚାହୁଁଥା’ନ୍ତି।

ଦୀର୍ଘ ସମୟ ଅତୀତ ହେଲା। କାଳିଦାସଙ୍କ ସଂଦିଗ୍ଧ ହୃଦୟକୁ ଆଶ୍ୱସ୍ତ କରିବା ପାଇଁ ମହାରାଜ ଭୋଜ ତାଙ୍କୁ ଲକ୍ଷ୍ୟ କରି କହିଲେ, “ହେ କବି ବର୍ଯ୍ୟ! ହେ ଶାସ୍ତ୍ର ବିଶାରଦ! ଆପଣ ଗୋଟିଏ ଅମୀମାଂସିତ ପ୍ରଶ୍ନର ମୀମାଂସା କରିପାରିବେ?” କାଳିଦାସ କହିଲେ, “ପ୍ରକାଶ କରନ୍ତୁ ମହାରାଜ”।

ତହୁଁ ରାଜା ପୂର୍ବ ପଠିତ ସଂସ୍କୃତ ଫକ୍‌ତିଟି ପାଠ କରି କହିଲେ, “ହୁତାଶନଶ୍ଚନ୍ଦନ ପଙ୍କ ଶୀତଳଃ” ଏହାକୁ ଏକ ସାର୍ଥକ ଶ୍ଳୋକରେ ପ୍ରକାଶ କର। କାଳିଦାସ କ୍ଷଣେ ମଧ୍ୟ ବିଳମ୍ବ ନ କରି ସେହି ଫକ୍ତିର ବ୍ୟବହାରରେ ନିମ୍ନ ପ୍ରଦତ୍ତ ଶ୍ଳୋକଟି ପାଠ କଲେ।

ସୁତଂ ପତନ୍ତଂ ପ୍ରସମୀକ୍ଷ୍ୟପାବକେ
ନବୋଧୟାମାସ ପତିଂ ପତିବ୍ରତା
ତଦାଂଭବତ୍ତତ୍ପତିଭକ୍ତି ଗୌରବାତ୍
ହୁତାଶନଶ୍ଚନ୍ଦନପଙ୍କଶୀତଳଃ

ଶ୍ଳୋକଟିର ଅର୍ଥ ଏହା ଯେ ନିଜର ଶିଶୁପୁତ୍ରକୁ ଅଗ୍ନିରେ ପ୍ରବେଶ କରୁଥିବାର ଦେଖି ମଧ୍ୟ ଜଣେ ପତିବ୍ରତା ନାରୀ ନିଜକୋଳରେ ମୁଣ୍ଡ ରଖି ଶୟନ କରିଥିବା ପତିକୁ ନିଦ୍ରାରୁ ଉଠାଇଲା ନାହିଁ। ତା’ର ଏପରି ପତି ଭକ୍ତିର ଗୌରବରେ ହୁତାଶନ (ଅଗ୍ନି) ଚନ୍ଦନ ପଙ୍କ ପରି ଶୀତଳ ହୋଇଯାଇଥିଲା।

କାଳିଦାସଙ୍କ ଅପୂର୍ବ ପାଣ୍ଡିତ୍ୟ ଓ କବିତ୍ୱରେ ବିମୁଗ୍ଧ ରାଜା ଭୋଜ ସଙ୍ଗେସଙ୍ଗେ ତାଙ୍କୁ ଆଲିଙ୍ଗନ କରି ତାଙ୍କ ପାଦତଳେ ସାଷ୍ଟାଙ୍ଗ ହୋଇ ପଡ଼ିଯାଇଥିଲେ।

କାଳିଦାସଙ୍କ ପଠିତ ଶ୍ଳୋକଟିରେ ସତ୍ୟତା ଥିଲା। କାରଣ ରାଜା ପୂର୍ବଦିନ ଏକାକୀ ନଗର ପରିଭ୍ରମଣ କରୁଥିବା ସମୟରେ ଜନୈକ ବ୍ରାହ୍ମଣ ଦ୍ୱାରରେ ଉପସ୍ଥିତ ହୋଇ ଗୃହ ଭିତରକୁ ଚାହିଁ ଦେଖିଥିଲେ ଯେ ବ୍ରାହ୍ମଣର ପତ୍ନୀ ସ୍ୱାମୀର ମୁଣ୍ଡକୁ କୋଳେଇ ରଖି ବିଶ୍ରାମ ଦେଉଛି। କ୍ଳାନ୍ତ ବ୍ରାହ୍ମଣ ମଧ୍ୟ ସ୍ତ୍ରୀ କୋଳରେ ସୁଖରେ ଗାଢ଼ ନିଦ୍ରା ଯାଇଛି। ଅଳ୍ପ ଦୂରରେ ଗୋଟିଏ ଶଯ୍ୟାରେ ତା’ର ଶିଶୁ ପୁତ୍ର ଶୟନ କରିଛି। କିଛି ସମୟ ପରେ ନିଦ୍ରାଭଙ୍ଗ ହେତୁ ଶିଶୁଟି ଶଯ୍ୟା ଛାଡ଼ି ନିକଟରେ ଜଳୁଥିବା ଅଗ୍ନି ପାଖକୁ ଚାଲି ଯାଇଥିଲା।

ଏହାକୁ ଦେଖିଲେ ମଧ୍ୟ ପତିବ୍ରତା ବ୍ରାହ୍ମଣୀ ସୁଖସୁପ୍ତସ୍ୱାମୀର ନିଦ୍ରା ଭଙ୍ଗ ନକରି ମନେ ମନେ ଅଗ୍ନି ଦେବଙ୍କୁ ପ୍ରାର୍ଥନା କରି କହିଲେ, “ହେ ଅଗ୍ନିଦେବ, ତୁମେ ଯଜ୍ଞେଶ୍ୱର, ସମସ୍ତ କର୍ମର ସାକ୍ଷୀ ଓ ସର୍ବଜ୍ଞ ଅଟ। ମୁଁ ପତିବ୍ରତ ପାଳନ ହେତୁ ପରାଧୀନ, ତେଣୁ ମୋ ପୁତ୍ରର କିଛି କ୍ଷତି କର ନାହିଁ, ଏତିକି ମାତ୍ର କାତର ବିନତି କରୁଛି”। ଏହା କହି ବ୍ରାହ୍ମଣୀ ଧ୍ୟାନମଗ୍ନା ହେବା ପରି ରହିଲା।

ଶିଶୁଟି କ୍ରମେ ଜ୍ୱଳନ୍ତ ଅଗ୍ନି ପାଖକୁ ଯାଇ ହାତରେ ଅଗ୍ନି ଖଣ୍ଡମାନଙ୍କୁ ଧରି ଖେଳିଲା। ତା’ର କୌଣସି କ୍ଷତି ହେଲା ନାହିଁ। ଏପରି ଅଗ୍ନି ସହ ଖେଳିବାରେ ବହୁତ ସମୟ ବିତିଗଲା। ପରେ ସ୍ୱାଭାବିକ ଭାବରେ ବ୍ରାହ୍ମଣର ନିଦ୍ରା ଭଙ୍ଗ ହେଲା। ବ୍ରାହ୍ମଣୀ ତତ୍‌କ୍ଷଣାତ୍ ଯାଇ ପୁତ୍ରକୁ ଅଗ୍ନି କ୍ରୀଡ଼ାରୁ ଉଠାଇ ଆଣିଲା ଏବଂ ଦେଖିଲା ତା’ର କୌଣସି କ୍ଷତ ହୋଇନାହିଁ। ସତେ ଯେପରି ଅଗ୍ନି ଦେବ ତା’ପୁତ୍ର ପାଇଁ ଚନ୍ଦନ ପଙ୍କ ସଦୃଶ ଶୀତଳତା ପ୍ରଦାନ କରିଛନ୍ତି।

ରାଜା ଭୋଜ ଉକ୍ତ ଦୃଶ୍ୟକୁ ଦେଖି ବିସ୍ମିତ ହେବା ସହ ନିଜକୁ ଧନ୍ୟ ମନେ କରିଥିଲେ। ଯେହେତୁ ତାଙ୍କ ରାଜ୍ୟରେ ଏପରି ମହୀୟସୀ ସତୀ ପତିବ୍ରତା ରମଣୀ ଥିବାର ସେ ନିଜ ଚକ୍ଷୁରେ ଦେଖିଥିଲେ।

ବର୍ଣ୍ଣିତ ପ୍ରସଙ୍ଗଟିରେ ଜଣେ ଭାରତୀୟ ନାରୀର ବିଶୁଦ୍ଧ ଚରିତ୍ର ଓ ଅଲୋକସାମାନ୍ୟ ପାତି ବ୍ରତ୍ୟର ପରାକାଷ୍ଠା ପ୍ରଦର୍ଶିତ। ଜଣେ ସତୀସାଧ୍ୱୀ ପତିବ୍ରତା ନାରୀର ମହତ୍ତ୍ୱ କୌଣସି ସିଦ୍ଧ ସାଧକ ଯୋଗୀ ମୁନି ମହାତପା ତପସ୍ୱୀର ତପସ୍ୟାଠାରୁ ନ୍ୟୂନ ନୁହେଁ। ପୁରାଣ, ରାମାୟଣ ଓ ମହାଭାରତ ଆଦି ଗ୍ରନ୍ଥମାନଙ୍କରେ ଏପରି ବହୁ ମହୀୟସୀ ସାଧବୀ ନାରୀଙ୍କର ମହିମା ବର୍ଣ୍ଣିତ। ସୂର୍ଯ୍ୟଙ୍କ ଗତିକୁ ସାତଦିନ ପର୍ଯ୍ୟନ୍ତ



ତୁମେ ଯଦି ଇଚ୍ଛା କରୁଥାଅ ଯେ ତୁମର ସଦ୍‌ଗୁଣ ସମସ୍ତେ ଦେଖନ୍ତୁ ତେବେ ଅନ୍ୟର ସଦ୍‌ଗୁଣ ଦେଖିବାକୁ ଶିଖ। - ପ୍ରାଚ୍ୟ ନୀତିବାକ୍ୟ

ଅଟକାଇବାରେ ମହାସତୀ ଅନସୂୟାଙ୍କର ସକ୍ଷମତା, ଯମଙ୍କଠାରୁ ପତିଙ୍କର ହୃତ ପ୍ରାଣକୁ ଛଡ଼ାଇ ଆଣିବାରେ ସତୀ ସାବିତ୍ରୀଙ୍କର ବିସ୍ମୟାବହ ପତିବ୍ରତ, ସତୀ ସୀତାଙ୍କର ଅଗ୍ନି ପରୀକ୍ଷାର ସାଫଲ୍ୟ ଓ ପଞ୍ଚଭର୍ତ୍ତୃକା ସତୀ ଯାଜ୍ଞସେନୀଙ୍କର ତପ୍ତଅଶ୍ରୁ – ପ୍ରବାହରେ କେବଳ କୌରବ ବଂଶର ନୁହେଁ ଅଧିକନ୍ତୁ ଭିଷ୍ମ ଦ୍ରୋଣାଦି ମହାରଥିମାନଙ୍କର ବଂଶ ଧ୍ୱଂସ ଆଦିଗାଥା କାଳେ କାଳେ ଭାରତୀୟ ନାରୀମାନଙ୍କର ଆଦର୍ଶ ଓ ସାଂପ୍ରତିକ ତଥା ଆଗାମୀ ଯୁଗର ନାରୀମାନଙ୍କ ପାଇଁ ଆହ୍ୱାନ ହୋଇ ରହିଥିବ ।

ଆଜିର ଅର୍ଥ ସର୍ବସ୍ୱ ସମାଜ, ଉଗ୍ର ଆଧୁନିକତା ଓ ପାଶ୍ଚାତ୍ୟ ସଭ୍ୟତା ତଥା ସଂସ୍କୃତିର ଅନ୍ଧାନୁସରଣ ଭାରତୀୟ ଜନମାନସକୁ ଯେପରି ମୋହଗ୍ରସ୍ତ ଓ ବିଭ୍ରାନ୍ତ କରିଅଛି ସେଥିରେ ଆର୍ଯ୍ୟାବର୍ତ୍ତ ଭାରତ ଭୂଖଣ୍ଡରେ ଆମର ଆଦର୍ଶ ଓ ଗୌରବ କେତେଦିନ ସ୍ଥାୟୀ ତାହା ସମସ୍ତଙ୍କର ବିଚାର ଯୋଗ୍ୟ ହେବା ଉଚିତ୍ ।

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ
ମୋ – ୯୭୭୮୬୮୨୪୮୭

# ସାହିତ୍ୟ ଓ ସାହିତ୍ୟିକ



ବିଭୁତିଭୂଷଣ ସେନାପତି

ସାହିତ୍ୟ, ସମାଜର ଦୃଶ୍ୟପଟ–ଏକ ନିଚ୍ଛକ ପ୍ରତିଫଳନ । ସୌନ୍ଦର୍ଯ୍ୟର ଭିତ୍ତିଭୂମି ସତ୍ୟ ଉପରେ ପ୍ରତିଷ୍ଠିତ ହେଲେ ସାହିତ୍ୟ ସତ୍ୟକୁ ଉତ୍ଥାପନ କରିବାରେ କିଛିବି ଅସଙ୍ଗତା ନାହିଁ । ମାନବ ଜୀବନର ଏକ ଅନୁକରଣ ଓ ଅନୁସରଣ 'ସାହିତ୍ୟ' । ଏହାର ପ୍ରକୃତ ଅର୍ଥ ହେଲା, ଜଣେ ସଚ୍ଚା ସାହିତ୍ୟିକ ସତ୍ୟର ଉପସ୍ଥାପନା କରି ଏକ ନୂତନ ଭାବପ୍ରସ୍ତ ଉନ୍ମୋଚନ କରେ । ସମାଜ ସଂସ୍କାର ଦିଗରେ ସାହିତ୍ୟିକର ଭୂମିକା ରହିଛି ।

ଫ୍ରାନସର ମନୀଷୀ ରଷୋଓ ମଣ୍ଟେସ୍କୁଙ୍କ ରଚନାବଳୀରେ ଉଦ୍‌ବୁଦ୍ଧ ହୋଇ ବିପ୍ଳବ ସଂଗଠିତହେଲା ଓ ନୂତନ ଫ୍ରାନ୍ସ ଜନ୍ମନେଲା । କ୍ରୀତଦାସପ୍ରଥା ବିରୁଦ୍ଧରେ ଅଙ୍କଲ ଟମସ୍ କେବିନର ପ୍ରଭାବ ପଡିଲା । ଭାଷା ସାହିତ୍ୟର ମାପ କାଠିରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ଜୀବନ ପାଇଁ ସାହିତ୍ୟର ଆବଶ୍ୟକତା ଅଛି ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବନାହିଁ କାରଣ ଜୀବନ ଯାତ୍ରା ପାଇଁ ସାହିତ୍ୟ ବତୀଘର ।

ସାହିତ୍ୟିକ ନୀତିବାଦର ଅମରଗାଥା ଗାଇ କର୍ମମୟ ଜୀବନରେ ରସ ସଂଚାର କରେ । କିନ୍ତୁ ସାହିତ୍ୟ ଯେପରି ପ୍ରଚାରଧର୍ମୀ ନ ହୁଏ ଲେଖକ ସତର୍କ ରହିବା ଉଚିତ୍ । ଏହାଦ୍ୱାରା କଳାତ୍ମକ ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହୋଇଯାଏ । ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ସମାଜ ସଂସ୍କାରର ପୃଷ୍ଠଭୂମି ଉପରେ ଆଧାରିତ, ମାତ୍ର ସମାଜ ସଂସ୍କାର ଲୁକ୍କାୟିତ ଓ ଏକୀଭୂତ । ଅବଶ୍ୟ ସବୁ ସମୟରେ ସାହିତ୍ୟିକ କୃତି ଉଚ୍ଚମାନର ନୁହେଁ ବା ଲୋକପ୍ରିୟ ହୋଇ ନ ପାରେ । ସମୟସ୍ରୋତରେ ତାହା ଲୋକପ୍ରିୟତା ହରାଇବସେ ଓ ଅଦରକାରୀ ହୁଏ । ମାତ୍ର ଉଚ୍ଚ ମାନର ସାହିତ୍ୟ ସବୁ ସମୟରେ ଲୋକପ୍ରିୟତା ଅର୍ଜନ କରେ । ଅନେକ ସାହିତ୍ୟ କୃତି ବହୁ ସମୟ ପରେ ସମୟର କଷଟି ପଥରରେ କଷି ହୋଇ ଲୋକାଦୃତ ହୋଇଛି, ତାହାର ନିଚ୍ଛକ ଦୃଷ୍ଟାନ୍ତ ଓମର ଖାୟାମଙ୍କ 'ରୁବାୟତ' ।

ସାହିତ୍ୟର ପ୍ରକୃତ ସମୀକ୍ଷକ ସମୟ । ଲୋକପ୍ରିୟତାକୁ ସାହିତ୍ୟର ମାନଦଣ୍ଡ ରୂପେ ସ୍ୱୀକାର କରାଯାଇ ନ ପାରେ ଅଥବା ସମ୍ବର୍ଦ୍ଧନା କବିକୁ ଉଚ୍ଚମାନର ସାହିତ୍ୟିକ ବିବେଚନା କରିପାରେ ନାହିଁ । ବହୁ ନୋବେଲ ପୁରସ୍କାର ପ୍ରାପ୍ତ ସାହିତ୍ୟ କୃତି କାଳର କରାଳ ଗର୍ଭରେ ଲୀନ ହୋଇ ଗଲେଣି । ସାହିତ୍ୟର ମାନ ନିର୍ଦ୍ଧାରଣ କରେ ସମୟ । ସେଥିପାଇଁ କୁହାଯାଇଛି ସାହିତ୍ୟର ଆକ୍ଷରିକ ଅର୍ଥ ହିତସାଧନ, ତତ୍କାଳୀନ ସମାଜର ଏକ ଦୃଶ୍ୟପଟ୍ଟ, ଯାହା ସତ୍ୟ, ଶିବ ଓ ସୁନ୍ଦରର ଉପାସକ ପ୍ରାଣ ପ୍ରାଚୁର୍ଯ୍ୟର ପ୍ରଗଲ୍ଭା ସ୍ରୋତସ୍ୱିନୀକୁ ପ୍ରବାହିତ କରେ । ଜୀବନର ଶେଷ ଲକ୍ଷ୍ୟ ଯଦି ଶାନ୍ତି ଓ ଆନନ୍ଦର ସିଂଚନ, ତେବେ ଈଶ୍ୱର ଚିନ୍ତନ ଏହାର ପ୍ରାଣବିନ୍ଦୁ । ଐଶୀ ଚେତନା ଏହାର ଏକ ମାର୍ମିକ ଅଭିବ୍ୟକ୍ତି । ସାହିତ୍ୟ ଯଦି ଧର୍ମଶାସ୍ତ୍ରରେ ପରିଣତ ହୋଇଯାଏ, ନୀତିବାଣୀର ଖୋଲାଖୋଲି ପ୍ରଚାର, ପ୍ରସାର ଓ ସ୍ତୁତି କରେ, ତେବେ ତାହା ଆଉ ସାହିତ୍ୟ ହୋଇ ରହିବ ନାହିଁ । ସାହିତ୍ୟିକ ମୂଲ୍ୟବୋଧର ଶବ ଉପରେ ଧର୍ମର ନୀତିଶାସ୍ତ୍ରର ଶାଖା ମେଲିବ ।


ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ ବହୁ କବି, ଲେଖକ ଓ ପ୍ରବନ୍ଧିକ ପ୍ରାୟଶଃ ସାମୟିକ ପ୍ରଶଂସା ପଛରେ ଧାଇଁ ଗୋଟିଏ ଗୋଟିଏ ମାନପତ୍ର ଆପଣେଉଛନ୍ତି । ଆଗାମୀ ଦିନରେ ସେହି ସାହିତ୍ୟିକମାନେ 'ନବମ ଶ୍ରେଣୀ ଝିଅଟା' ଗୀତ ପରି ଲୁପ୍ତ ହୋଇଯିବେ । କଳା ବା ଅନୁରୂପ ସାହିତ୍ୟ କେବଳ ସୌନ୍ଦର୍ଯ୍ୟର ପୂଜା କରିବ । ରାମାୟଣ , ମହାଭାରତ ଓ ଇଲିଆଡ ଅଡେଶୀ, ଡିଭାଇନ୍ କମେଡି ଓ ପାରାଡାଇଜଲଷ୍ଟ ପରି ସାହିତ୍ୟ କୃତି ଚିର ଶାଶ୍ୱତ । କାଳିଦାସ, ଟଲଷ୍ଟୟ, ଗର୍କୀ, ରୋମାରୋଲାଁ ଓ ସେକ୍ସପିୟରଙ୍କ ପରି ସାରସ୍ୱତ ସାଧକ ସାହିତ୍ୟ ପୃଷ୍ଠାରେ ଚିର ଅମର । ତାଙ୍କର କାବ୍ୟ, ନାଟକ, ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟରେ ସମାଜ ସଂସ୍କାର ପ୍ରଚ୍ଛନ୍ନ ଭାବରେ ନହିତ ଅଛି । ତା'ର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ, ଅଙ୍ଗୀକାର ଓ ଆଦର୍ଶ ସାହିତ୍ୟର ପୃଷ୍ଠାକୁ ରସାଣିତ କରେ । ସୁତରାଂ ପ୍ରଚାର ବା କ୍ଷଣିକ ଲୋକ ପ୍ରଶଂସା ପାଇବା ପାଇଁ ନିଜର ପ୍ରତିଷ୍ଠା ଅର୍ଜନ ନକରି ଅଧ୍ୟୟନ ପ୍ରବଣ ହେବାକୁ ସାହିତ୍ୟ ସଦା ସର୍ବଦା ନିର୍ଦ୍ଦେଶ ଦିଏ ।

ଅବସରପ୍ରାପ୍ତ ଶିକ୍ଷକ,
କୋହ୍ଲ, ତିହିଡି, ଭଦ୍ରକ
ମୋ – ୯୪୩୭୫୭୪୪୬୨



ଗରିବ ଭାବରେ ଚଳି କୃପଣ ଧନୀ ହୋଇଯାଏ ଓ ଧନୀ ଭାବରେ ଚଳି ଅମିତବ୍ୟୟୀ ଗରିବ ହୋଇଯାଏ ।– ସାଇରସ

# ପିଲାଦିନ





**ଡକ୍ଟର ରାଜକିଶୋର ପାଢ଼ୀ**

ଏଇ ସେଦିନ ଜଣେ ପ୍ରିୟଜନ ପଚାରିଲେ କେତେ ହେଲାଣି ଆପଣଙ୍କର ବୟସ। ହସିହସି କହିଲି ,ବୟାଅଶୀ। ସିଏ ବି ହସିଦେଲେ। ମୁଁ ଇମିତି ସରଳ ହସର ପୃଥିବୀକୁ ଫେରିଗଲି ସେଇଠୁ। ମନେପଡ଼ିଲା ମୋ' ପିଲାଦିନ, ଯା' ଅନ୍ୟମାନଙ୍କ ପିଲାଦିନ ପରି ହୋଇଥିବା ସମ୍ଭବ। ସେଇ ପିଲାଦିନେ ଦ୍ୱିତୀୟ ବିଶ୍ୱଯୁଦ୍ଧର ବାତାବରଣଟିଏ ଥିଲା ଆମ ପୃଥିବୀରେ। ଭାରତ ସିଧା ଯୋଗ ଦେଇନଥିଲା ଯୁଦ୍ଧରେ। କିନ୍ତୁ ଭାରତର ଆକାଶରେ ଯୁଦ୍ଧ ବିମାନ ଉଡୁଥିଲା। ଜାପାନ ଆଡୁ ସୁଭାଷ ଚନ୍ଦ୍ର ଭାରତକୁ ମାଡ଼ି ଆସିବା ଖବର ଲୋକମୁଖରେ ଥିଲା। ଜିନିଷପତ୍ର କଣ୍ଟ୍ରୋଲ ହବା ଶୁଣାଯାଉଥିଲା। ଏଣେ ଭାରତ ଛାଡ଼ ଆନ୍ଦୋଳନର ଉଷ୍ମତା ସରିନଥିଲା। ଆମେ କିଛି ବୁଝୁନଥିଲୁ। କିଛି ଗୋଟାଏ ବିପଦ ପଡ଼ିଚି କି କ'ଣ ଲାଗୁଥିଲା। ଆମ ବାଲ୍ୟକାଳ ଉପରେ ତା'ର ପ୍ରଭାବ ଏବେ ବୁଝି ହେଉଚି।

ଏଲ.ପି. ସ୍କୁଲରେ ପଢ଼ିବାବେଳେ ହାଫ୍ ପ୍ୟାଣ୍ଟ ଓ କମିଜ୍ ଖଣ୍ଡେ ପିନ୍ଧି ଯାଇଥିଲି। ଜୋତା ବ୍ୟବହାର କଲେଜରେ ଯାଇ ଆରମ୍ଭ ହେଲା। ଦୋକାନରୁ କାଗଜ କିଣି ଖାତା ସିଲେଇ କରାଯାଉଥିଲା। ଲେଖିବା ପାଇଁ ନିବ୍ ଥିବା ଡେଂଗା କଲମ ଓ କାଳି ଦୁଆତ ରଖିବାକୁ ହେଉଥିଲା। ନିବ୍ ଭାଂଗିଗଲେ କି କାଳି ବଟିକା ଦୋକାନରୁ କିଣି କାଳି ତିଆରି କରିବାକୁ କହିଲାବେଳେ ଘରର ମୁରବି ଜେଜେ ପଇସା ଦବାରେ ବଡ଼ କୁଣ୍ଠିତ ଥିଲେ। କି ପାଠ ପଢ଼ି କ'ଣ ହେବ ଯେ ଏତେ ନିବ୍ ଭାଂଗୁଚି, କାଳି ଦରକାର ହେଉଛି। ପଇସା କାହିଁ ଏସବୁ କିଣାଯିବ। ଶେଷରେ ଯା' ଦି' ଚାରିପଇସା ମିଳିବ ସେତକ ପାଇଁ। କାଗଜ କିଣିଲାବେଳେ ସେଇକଥା। ରାତିରେ ଡିବି କି ଲଣ୍ଠନ ଜାଳି ପଢ଼ିବାକୁ ବସିଲେ ଜେଜେ ବିରକ୍ତ ହେବେ। କିରାସିନି ମିଳୁ ନାହିଁ। କିଳାପୋତା ଦେଇକି କିଏ କିଣିବ। ଦିନରେ ପାଠ ପଢ଼ା ଶେଷକର। ଇମିତି ତାଗିଦା ଶୁଣାଯାଏ। ସେତେବେଳର ସମୟ ଓ ଅଭାବ ସଂପର୍କରେ ଜଣାପଡ଼େ।

କିନ୍ତୁ ଆମ ଲାଗି ଥାଏ ଖେଳିବା ପାଇଁ ପ୍ରଚୁର ସମୟ। ପଢ଼ା ତା' ବାଟରେ ଯାଏ। ତା'ର ନଥାଏ ଗୁରୁତ୍ୱ। ପଢୁପଢୁ ଯା' ହବା କଥା ହେଇଚି। ଟ୍ୟୁସନ କି ମାନେବହି ଦେଖି ନାହିଁ। ଧୁମ୍ ଖେଳିଚି। ବାଗୁଡ଼ି,ବୋହୂଚୋରି, ରୁମାଲ ଚୋରି, ଗଣଗଣକାଠି, ଦୋଳି, ଲୁଚୁକାଳି। ତା'ଛଡ଼ା ମାଟିବାଲିରେ ଧୂଳିଘର କରିବା, ଭାତ ତିଅଣ ରାନ୍ଧିବା, କି ଖିଆପିଆ କରିବା ଢେର ହେଇଚି, ଘର ତିଆରି କରିବା, ମିଛିମିଛିକା ଦୋକାନ କରି ଖେଳିବା, ବର୍ଷା ପାଣିରେ କାଗଜଡଂଗା ଭସେଇବା, ବନ୍ଧ ବାନ୍ଧିବା, ପୋଲ କରିବା ପରି ଖେଳ ଖେଳିଛି। ଟିକିଏ ବଡ଼ ହେଲାରୁ ଖେଳିଚି ହଡ଼ା ବେପାରୀ ଖେଳ ତାସ୍‌ରେ, ତା'ପରେ ଟୋନ୍ଟି ନାଇନ୍ ଓ ବ୍ରେ ଶିଖିଛି। ତାସ୍ ଖେଳରେ ମତେ ଜିତେଇବା ପାଇଁ ବୋଉ ଜାଣିଜାଣି ଭୁଲ କରିଦିଏ ଓ ଭାବେ ତା' ପୁଅ ନିହାତି ଜିତିବା ଦରକାର, ତେଣୁ ସିଏ ଖୁସିରେ ହାରେ।

ଦି'ଟା ଅଲଗା ଖେଳ ଆମେ ପିଲାଦିନେ ଖେଳିଛୁ। ଗୋଟିଏ ହେଲା ଡାକଘର କରି ଚିଠି ଲେଖି ଆର ସାହିକୁ ଚିଠି ପଠାଯିବ। ସେ ସାହିରୁ ଏଠିକି ଚିଠି ଆସେ ସେଇ ପିଲାଙ୍କ ଭିତରେ। ତା'ଛଡ଼ା ବଡ଼ଭାଇ 'ଗାଁ' ଭୂଇଁ' ନାମରେ ପତ୍ରିକାଟିଏ ପ୍ରକାଶ କରୁଥିବାରୁ ମୁଁ ଓ ମଝିଆ ନନା ଓ ଅନ୍ୟମାନେ ମିଶି ହାତଲେଖା 'ଆଲୁଅ' ନାମରେ ପତ୍ରିକା ପ୍ରକାଶ କରିଛୁ। ସେତିକିବେଳେ ଅନ୍ୟ ସାହିର ପିଲାମାନେ ଆମ ସହ ପ୍ରତିଯୋଗିତା କରିବାକୁ ଯାଇ 'ଅନ୍ଧାର' ନାଆଁରେ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ପିଲାଦିନେ କିଶୋର ସଂଘ କରି ଆମେ କାଠ ଢାବଲରେ ଲାଇବ୍ରେରୀ କରିବାର ଖେଳ ଖେଳିଛୁ ଓ ଟିକିଏ ବଡ଼ ହେଇ ନୈଶ ବିଦ୍ୟାଳୟରେ ଛୁଟିରେ ପାଠ ପଢ଼େଇଛୁ କିଛିଦିନ। ଏସବୁ ଖେଳ ସହିତ ଗାଆଁ ନଈ ବାଲିରେ ଓ ଗାଁ ସୀମାରେ ଥିବା ପାହାଡ଼ରେ ବୁଲିବା, ଭୋଜି କରିବା ମଜା ମନେପଡ଼େ। ଝିଅମାନଙ୍କ ସହ ପୁଚି ବି ଖେଳିଛି। ଚକାଚକା ଭଉଁରୀ ଖେଳିଚି। ତା' ସହିତ ଖପରାଡିଆଁ, ବାଘ ଛେଳି ଖେଳ ଅଦ୍ଭ ଖେଳିଛି। ଯାତ୍ରା, ପାଲା କି ଦାସକାଠିଆ ଦେଖିଲେ ନକଲ କରି ସେପରି ଅଭିନୟ କରିଛି ଓ ଖୁସି ଲାଗିଛି। ପର୍ଯ୍ୟାପ୍ତ ସମୟ ଗାଁ'ର ବିଭିନ୍ନ ଜାଗା, ଯଥା ନଈପାଳ,



ଯେଉଁ ଲୋକ ବିପଦରେ ପଡ଼ିନାହିଁ, ସେ ନିଜର ସଦ୍‌ଗୁଣର ପରିଚୟ ପାଇପାରି ନାହିଁ ବା ସେ ନିଜକୁ କେବେ ଚିହ୍ନିପାରି ନାହିଁ। - ମ୍ୟାଲେଟ

କଣ୍ଟାବଣିଆ, ପାହାଡ଼, ନଈକୂଳ, ତୋଟା ଓ ବାଉଁଶ ବାଡ଼ିରେ ଖେଳିବା ବୁଲିବାରେ ମନଇଚ୍ଛା କଟିଛି । ପଢ଼ା ବିଗିଡ଼ି ଯିବ ବୋଲି କେହି କହିନାହାଁନ୍ତି ।

ମିଳିଛି ଖାଇବାକୁ ଜାମୁକୋଳି, ଭୁଇଁବରକୋଳି, ବଇଁଚକୋଳି, ବେତକୋଳି, ନାତମରାକୋଳି, କ୍ଷୀରିକୋଳି, ଖଜୁରିକୋଳି, କଣ୍ଟେଇ କୋଳି । ଘର ବାଡ଼ିରୁ ସଂଗ୍ରହ ହେଇଚି ପିଜୁଳି, କରମଙ୍ଗା, କମଳା ପରି ଫଳ । ଏବେ ତ ସେ ସବୁ ସାତସପନ । ପଇସା ଦେଲେ ବି ମିଳୁନି । ଯେତେ ମହୁ ଫେଣାରୁ ଆମେ ମହୁ ଖାଇଚୁ ସାଙ୍ଗ ହେଇ ସେସବୁ ଆଜିର ପିଲାଙ୍କୁ ମିଳିପାରିବ ନାହିଁ ।

ଆମ କୌତୂହଳରୁ କିଏ କେତେ କ'ଣ ସାଇତିବାକୁ ମନ କରିଛି । ସେଗୁଡ଼ିକ ଥିଲା ଆମର ଦାମିକା ସଂପତ୍ତି, ଝିଙ୍କ କାଠି, ମୟୂର ପକ୍ଷୀ, ବଗ, କାଉ ଓ ଭଦଭଦଳିଆ, ହଳଦୀ ବସନ୍ତର ପକ୍ଷୀ, କଣ୍ଟି କିଳର ମଞ୍ଜି, ରୁଞ୍ଜା, ନଈରେ ମିଳୁଥିବା ବାଲିଗରଡ଼ା, ପାହାଡ଼ରୁ ସଂଗୃହୀତ ପାଲିସ୍ ପଥର ଖଣ୍ଡେ, ଗୁଂଜର ପୋକର ପକ୍ଷୀ । ପିଲାଦିନେ ଦେଖିଚି ଗାଈଆଳ ଗାଈଗୋଠ ନେଇ ଚରେଇବାକୁ ଯାଏ । ତା' ହାତରେ ଥାଏ ବାଡ଼ି, ତାଳ ବରଡ଼ାର ବଡ଼ ଛତାଟିଏ । ସେ ଛତାରେ ଟଙ୍ଗା ଯାଇଥିଲା ଗୁଂଜର ପୋକର ଟାଣୁଆ ପର ଯା' ପବନରେ ବାହାରିଥିଲା । ମଇଁଷିଆଳମାନେ ମଇଁଷି ନେବାବେଳେ ତାଙ୍କ ବେକରେ ଟିପା ଝୁଲୁଥିଲା । ଯା' ଟିଙ୍ଗ ଟିଙ୍ଗ ଶବ୍ଦ କରେ, ପାହାଡ଼ରେ ମଇଁଷି କେଉଁଠି ଅଛି ଜଣାପଡ଼ିବ । ସେ ଟିପା ଆଉ ନାହିଁ କି ମଇଁଷିଆଳର ବଡ଼ବଡ଼ କଠଉ ଆଉ କେହି ପିନ୍ଧୁ ନାହାନ୍ତି । ଆମର ସେ ପିଲାଦିନେ ଝିଅମାନେ ସାନସାନ ଥିଲାବେଳେ ଆମ ସହିତ ଖେଳିନ୍ତି । ପରେ ତାଙ୍କ ସହିତ ଆଉ ଖେଳିବା ସମ୍ଭବ ହୁଏନା, ସେମାନେ ଅଲଗା ଖେଳନ୍ତି ।

ପିଲାଦିନେ ଆମର ଖାଇବା ପିଇବା କହିଲେ କିଛି ବଢ଼ା ଭାତ ଖାଇଛି । ତା'ପରେ ଜଳଖିଆରେ ଚକୁଳି, ପୋଡ଼ପିଠା, ଖଇ ଉଖୁଡ଼ା, ମୁଢି ଚୁଡ଼ା ମୁଖ୍ୟ ଥିଲା । ଓଷା ବାରରେ ପିଠାପଣା ଥାଏ । ସେ ସବୁ ହେଲା ମଣ୍ଡା, କାକରା, ଆରିସା, ଚିତଉ, ଗଇଣ୍ଠା, ଏଣ୍ଡୁରି, ପୋଡ଼ପିଠା, ଗେଟେଇ ପରି ଜଣାଶୁଣା ପିଠା ।

ପିଲାଦିନେ ଗାଆଁକୁ କେତେ ପସାରି ଆସୁଥିଲେ । ଗୁଡ଼ିଆଣୀ ମୁଢ଼ି ଓ ମୁଆଁ ମୁଖ୍ୟତଃ ଆଣନ୍ତି । କେଉଟ ସାହିର ସ୍ତ୍ରୀଲୋକ, ପୁରୁଷ ଚୁଡ଼ା, ଚଣା ଭଜା ଆଣୁଥିଲେ । ବାଘୁତି ସାହିରୁ ଆସେ ମାଛ । କେଳୁଣି ଆଣୁଥିଲେ ମନୋହରି ଜିନିଷ, ପାଟରାମାନେ ସେପରି ଜିନିଷ ଆଣନ୍ତି । ବଣିଆ ଗାଆଁକୁ ଆସନ୍ତି ଅଳଙ୍କାର ବିକିବାକୁ ଓ ଗଢ଼ିବାକୁ । ତେଲ ଲୁଣ, ଦୁଧ, ଦହି, ଛେନା, ଘିଅ ଧରି ବିଭିନ୍ନ ପାଟକର ମହିଳାମାନେ ଗାଆଁକୁ ଆସୁଥିଲେ । କାଚରା କାଚ ନେଇ ଆସେ ତ ପାନ ଦବାକୁ ପାନରା ଆସୁଥିଲେ । ଦୋକାନ ଗୋଟିଏ ଦୁଇଟି ଥିଲା । ସେଠି ସବୁକିଛି ମିଳୁନଥିଲା । ଗାଆଁକୁ ତନ୍ତୀ ଲୁଗା ନେଇ, କୁମ୍ଭାର ହାଣ୍ଡି ନେଇ ଆସନ୍ତି । ମାଳୀ ଆସେ ଫୁଲଧରି ।

ଏହାଛଡ଼ା ଗାଆଁକୁ ଗୋପଲୀଳା କରିବା ବାଲା, ମ୍ୟାଜିକ୍ ବାଲା, ବାଇସ୍କୋପ୍ ଦେଖେଇବା ବାଲା, ମାଙ୍କଡ଼ ନଚାଳି, ସାପୁଆ କେଳା, ମୁଣ୍ଡପୋତା କେଳା, ଯୋଗୀ, ବାବାଜୀ, ବାଉଁଶରାଣୀ, ସବାଖିଆ କେଳା, ନଳୁଆ କେଳା, ଚକୁଳିଆ ପଣ୍ଡା, ରଣପା ନାଚ କରୁଥିବା ଶାରଳା ପୂଜକ, ମଂଗଳାଙ୍କ ଘଣ୍ଟପାଟୁଆ ଆସୁଥିଲେ ଓ ଆମ ଲାଗି ସେମାନେ ଗୋଟାଏ ଆକର୍ଷଣୀୟ ଦୁନିଆର ଛବି ସବୁ ଖୋଲି ଦେଉଥିଲେ ।

ଗାଆଁରେ ଥିଲା ହଳ, ଲଙ୍ଗଳ, ଜୁଆଳି, ମଇ, ବିଦା, ବଳଦ, ପଖିଆ, ଦାଆ, ଚାଷ, ଶଗଡ଼, ଓଳିଆ,  ଖଳା, ଧାନଖଣି, ଫସଲ ଜଗିବା ବେଳେ ପଲା, ଇମିତି କିଛି କୃଷିଭିତ୍ତିକ ଚିତ୍ର । ସେ ସବୁ ଆଉ ନାହିଁ । କୃଷକ ଆଉ ହଳ ବଳଦ ନଉ ନାହିଁ ।

ଆମ ପିଲାଦିନେ ଭୋଜି କଥା କହିଲେ ଯା' ମନେପଡ଼େ, ଭାତ ଡାଲି, ଘାଣ୍ଟ ତରକାରି, ଖିରି, ଖଟା ଓ କେତେକ କ୍ଷେତ୍ରରେ ତା' ସହିତ ମାଛ । ପରେ କାନିକା ଆସିଲା । ବଡ଼ ଭୋଜିରେ ଋତୁ ଅନୁସାରେ ବନ୍ଧାକୋବି ତରକାରି, ପୋଟଳ ରସା ମୁଖ୍ୟ ଥିଲା । ଏତେ ବିବିଧତା ନଥିଲା । କିନ୍ତୁ ଥିଲା ଅପେକ୍ଷା କୃତ ସ୍ୱାସ୍ଥ୍ୟକର ।

ନଈ ଓ ପାହାଡ଼ ଗାଆଁରେ ଦୁଇ ପାଖରେ ଥିବାରୁ ନଈବଢ଼ିରେ ହନ୍ତସନ୍ତ ହବା, ଘର ଛାଡ଼ି ଯାଇ ବନ୍ଧ ଉପରେ ଆଶ୍ରୟ ନବା, ଘାଇ ହେଲେ ଆହୁରି ହୀନସ୍ତା ହବା ଥିଲା ନିଶ୍ଚିତ । ସେ ସବୁ ସହ ନଈକୂଳିଆ ଲୋକେ ଅଭ୍ୟସ୍ତ । ଏବେ ବି ବଢ଼ି ପାଣି ଖଲାସ ନହେବା ଜନିତ ଅସୁବିଧାରୁ ମୁକ୍ତି ନାହିଁ । ପାହାଡ଼ରେ ଆଗେ ଯେଉଁ ବିବିଧ ଗଛବୃକ୍ଷ ଥିଲା ସେ ସବୁ ତ ବୁଡ଼ିଗଲା । ଜୀବଜନ୍ତୁ ସୀମିତି ନାହାନ୍ତି । ଆଗେ ବାଘ, ବାରହା, ହେଟା ବାଘ, ଖୁରାଣ୍ଟି, ଝିଙ୍କ ପରି ଜୀବ ଥିଲେ । ଏବେ ଯା' ହେଉ ଶୁଭିଲାଣି ହୁକେ ହୋ, ଗାଁ ମୁଣ୍ଡ ବରଗଛରେ ବାଦୁଡ଼ି ରହୁଥିଲେ, ହରଣ ଚଢ଼େଇ, କୁଆ, କୋଇଲି, ବଣି, କଜଳପାତି, ଶୁଆ, ଟିଆ, ଶଙ୍ଖଚିଲ, ଘରଚଟିଆ, ଶାଗୁଣା ପରି କେତେ ପକ୍ଷୀ ଆଉ ଦିଶୁ ନାହାଁନ୍ତି । ଅନ୍ୟମାନଙ୍କର ସଂଖ୍ୟା କ୍ରମେ କମିଯାଉଛି ।

ଗାଆଁକୁ ପାରମ୍ପରିକ ଭାବରେ ଘୋଡ଼ାନାଚ, ଘୁମୁରାନାଚ ଓ ଓଗାଳ ଗାଇବା ପିଲା ତାଙ୍କ ପର୍ବ ସମୟରେ ଆସୁଥିଲେ । ଏବେ ସେ ସବୁ ନିଜନିଜ ଭୂମିରେ ଅନ୍ୟ ଢଂଗରେ ହେଉଛି । ଲୋକେ ପୂର୍ବଠାରୁ ଭଲ ଅବସ୍ଥାରେ ଅଛନ୍ତି । ଶିକ୍ଷା ସ୍ୱାସ୍ଥ୍ୟପରି କ୍ଷେତ୍ରରେ କିଛି ଉନ୍ନତି ହେଉଛି । ରାସ୍ତାଘାଟ ବିଜୁଳି ପାଣି ଯା' ଯିମିତି ମିଳୁଛି । ସମସ୍ତଙ୍କ ହାତରେ ଏବେ ମୋବାଇଲ, ଘରେଘରେ ଦୁଇ ଚକିଆ, କେତେକ କ୍ଷେତ୍ରରେ ଚାରିଚକିଆ ଗାଡ଼ି ।  ପିଲାଦିନର କାଦୁଅ ଖସଡ଼ା ମାଟିର ରାସ୍ତା ନାହିଁ, ଗାଆଁରେ ଖଜୁରୀଗଛ ରସରୁ ତାଡ଼ି କରି ଅଳ୍ପ କେଇ ଜଣ ପିଉଥିଲେ ଆମ ପିଲାଦିନେ । ଏବେ ମଦର ପ୍ରସାର ବ୍ୟାପକ ହେଇଛି । ସଂପର୍କ ଜଟିଳ ହେଇଚି । ଚତୁରତା, ଠକିବାପଣ, ଅସାଧୁତା ବଢ଼ିଛି । ନୀତି, ଆଦର୍ଶ ମାନବିକତା ଅଛି ସଂକଟରେ ।

**କୋତପୁର, ଯାଜପୁର**
**ଫୋନ୍ : ୯୯୩୭୫୫୧୫୭୭**



ଅତୀତର ଭୁଲ ଭବିଷ୍ୟତର ବିଜ୍ଞତା ଓ ସଫଳତା । - ଟ୍ରାୟନ

# ବାପା



ତ୍ରିଲୋଚନ ମହାପାତ୍ର

ରାଧାଶ୍ୟାମ ବାବୁ ଅଫିସରୁ ଫେରି ଘରକୁ ପଶୁ ପଶୁ ରିମା ଗରଗର ହେଉଥିବାର ଶୁଣିଲେ। ଡ୍ରଇଂରୁମକୁ ଆସି କାରଣ ପଚାରିବାରୁ, ରିମା କହିଲେ - ଏଇ ତମ ବାପା, ବଡ଼ ହଇରାଣ କରୁଛନ୍ତି। ପ୍ରତି କଥାରେ ଜିଦି, ହେଇ ଦେଖୁନ, ଚଟାଣରେ ପାଣି, କାଚଗ୍ଲାସଟା ଭାଙ୍ଗି ଏଣେ ତେଣେ ପଡ଼ିଥାଏ। ବାପା ମୁହ ତଳକୁ କରି ସୋଫା ଉପରେ ବସିଥାନ୍ତି। ଆଖିରୁ ଟୋପାଟୋପା ଲୁହ ବୋହୁଥାଏ। ରାଧାଶ୍ୟାମ ବାବୁ ବାପାଙ୍କ ପାଖରେ ବସି ପଡିଲେ। ପକେଟରୁ ରୁମାଲ କାଢ଼ି ଲୁହ ପୋଛିଦେଲେ। ତାଙ୍କ ମଥାଟିକୁ ଆପଣା କାନ୍ଧ ଉପରକୁ ଆଉଜାଇ ଆଣି ଧୀରେ ଧୀରେ ଆଉଁସିଲେ।

ରିମା କହି ଚାଲିଥାନ୍ତି - ପାଣି ମାଗିଲେ, ଦେଲି ! ନା, ସେ ଗ୍ଲାସରେ ପିଇବେନି। ସେଇ ବଡ଼ କାଚ ଗ୍ଲାସରେ ପିଇବେ। ହଉ, ପିଆଇ ଦେବି। ନା, ସେ ନିଜେ ପିଇବାକୁ ଜିଦି କଲେ। ଦେଲି। ହାତ ତ ଥରୁଚି, ଧରିଥାନ୍ତେ କେତେକେ। ତଳେ ପଡି ଭାଙ୍ଗିଗଲା।

ରାଧାଶ୍ୟାମ ବାବୁ ଟିକେ ବାପାଙ୍କ ମୁହଁକୁ ପରେ ରିମାଙ୍କ ଆଡ଼େ ଚାହିଁ କହିଲେ - ରିମା, ମୁଁ ଛୋଟ ଥାଏ। ବାପା ସେଦିନ ଅଫିସରୁ ଫେରିବାବେଳେ କାନ୍ଥ ଘଣ୍ଟାଟି ଆଣିଥାନ୍ତି। ଖୋଳରୁ କାଢି ଆମକୁ ଦେଖେଇଲେ। ମୁଁ ସେଇଟାକୁ ଧରିବାକୁ ଜିଦି କଲି। ବୋଉ ମନା କଲା। ବାପା କିନ୍ତୁ ଦେଲେ। ଏପଟ ସେପଟ କରି ଦେଖୁ ଦେଖୁ ଘଣ୍ଟାଟି ତଳେ ପଡ଼ି କାଚଟା ଭାଙ୍ଗିଗଲା। ବୋଉର ଗାଳି କହିଲେ ନସରେ - ମୁଁ ମନା କରୁଛି ଦିଅନି। ନୂଆ ଘଣ୍ଟାଟା ଭାଙ୍ଗିଗଲା।


ମୁଁ କାଠ ହୋଇ ଠିଆ ହୋଇଥାଏ। ବାପା ମତେ କାଖ କରିନେଲେ। କହିଲେ - ଭାଙ୍ଗିଲେ ଭାଙ୍ଗିଲା। ପିଲାଲୋକ। ରାଗିଲେ କ'ଣ ହେବ। କାଲି ଗୋଟେ କାଚ ପକାଇ ଆଣିବି। ରିମା !ସେ ଏବେ ବାପା ନୁହନ୍ତି। ଆମ ଛୋଟ ପୁଅ। ଆମେ ତାଙ୍କର ବାପା ମା।

ରିମାଙ୍କ ଆଖି ଛଳ ଛଳ ହେଲା। ବାପାଙ୍କ ପାଦତଳେ ଲଥିକିନା ବସି ପଡିଲେ। ତାଙ୍କ ଆଣ୍ଠୁ ଉପରେ ମୁଣ୍ଡ ରଖି ପାଦ ଦୁଇଟିକୁ ଆଉଁସି ଲାଗିଲେ। ବାପା, ମୋର ଭୁଲ ହୋଇଛି।

ବାପା ହାତଟି ନେଇ ତାଙ୍କ ମଥା ଉପରେ ଥୋଇଲେ।

ଜଟଣୀ
ମୋ - ୯୯୩୮୯୯୪୮୨୨

# ମରଣ ଆବାହନୀ



ଉମାଶଙ୍କର ପ୍ରସାଦ

ମରଣ ହେ ତୁମେ ଚଳ ଚଂଚଳ ଆସ,
କରୁଣେ ଏ କବି ତୁମରି ଶରଣ ମାଗେ,
ମିଛ ମୋ ଜୀବନ, ମିଛ ଏ ଜନମ ସିନା,
ତୁମେ ଏକା ଖାଲି, ସତ ବୋଲି ମନେ ଲାଗେ ।
କାହିଁକି ଆସିଲି ଧୂଳିର ମରତ-ଭୂମେ,
କି ଅବା ପାଇଲି କାହାକୁ ବା ଦେଲି କିସ,
ଖାଲି ତ ଧାଇଁଲି, ମିଛ ମରୀଚିକା ପଛେ,
ତୁଟିଲାନି କେବେ ବୁକୁର ବ୍ୟାକୁଳ ଶୋଷ ?
ପଥ ହୁଡି ମୁହିଁ ବିପଥେ କରିଲି ଗତି,
ଶତ ଅପବାଦ, ଅଭିଶାପ ଶିରେ ବହି,
କେତେ ନିରାଶାର ତାମସୀ ରଜନୀ ତୀରେ,
ଖୋଜିଲି ଆଲୋକ, କିଛିତ ପାଇଲି ନାହିଁ ।
ଜୀବନ-ତଟିନୀ ଲୋତକେ ଯାଇଛି ବହି,
ମରଣ ହେ ! ତୁମ ପଥକୁ ବସିଛି ଚାହିଁ ।

ସମ୍ପାଦକ - 'ମାର୍ଗଦର୍ଶୀ', ଖୋର୍ଦ୍ଧା
ଦୂରଭାଷ - ୬୩୭୦୬ ୭୫୫୬୨

# ମୋ ଭାଷା ଓଡ଼ିଆ ମୋ ଦେଶ ଓଡ଼ିଶା



ଲୋହିତ ମହାପାତ୍ର

ଯେଉଁ ଭାଷାରେ
ରହିଛି ମଧୁରତା ,
ଯାହାର ରହିଛି
ବହୁ ଗୁଣବତ୍ତ,
ବହି ପୋଥିପତ୍ରରେ
ଅଛି ସାଇତା,
କର୍ମରେ ଯେ
ଆଣିଦିଏ ସଫଳତା,
ଯାହାକୁ ପଢିଲେ
ଲାଗଇ ବଢ଼ିଆ,
ଯାହାର କୋଳରେ
ଜନମ ନେଇଛି,
ଖେଳ କୁଦା କରି
ମଣିଷ ହୋଇଛି,
ଯାହାକୁ ନେଇ ମୁଁ
ଗରବ କରୁଛି,
ପାଇକ ପୁଅର
ସନ୍ତାନ କହୁଛି,
ପ୍ରଭୁ ଜଗନ୍ନାଥ
ଯାହାର ଭରସା,
ସିଏ ପରା ମୋର
ଦେଶ ଓଡ଼ିଶା।

ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି
ଦୂରଭାଷ - ୯୪୩୮୩୦୯୧୩୯



ବିନୟ ହେଉଛି ସଦ୍‌ଗୁଣର ବାହ୍ୟରୂପ। - ଡାୟୋଜେନିସ

# ମହାମନୀଷୀ ୰ ମନୋଜ ଦାସଙ୍କ ପରି ହୋଇପାରିବା



ମହୀଜା ଦଳବେହେରା



ଭଗବାନ ବହୁତ ଭଲ, ଭଲ ଲୋକଙ୍କୁ ସଂସାରବାସୀଙ୍କ ହିତ ସାଧନ ନିମନ୍ତେ ସଂସାରକୁ ପଠେଇଥାନ୍ତି । ଯେଉଁମାନେ ମାନବ ସମାଜକୁ ନୈତିକତା, ଆଦର୍ଶ ମାର୍ଗ ପ୍ରଦର୍ଶନ କରି, ବହୁ ଜ୍ଞାନ, ଗାରିମା, ମଣିଷ ପଣିଆ ଲୋକମାନଙ୍କୁ ଶିକ୍ଷା ଦେଇଥାନ୍ତି । ସେମାନଙ୍କୁ ଅନୁକରଣ କରି ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିଥାଏ । ଆମେମାନେ ଅନେକ ଜାଣୁ ହରିଶ୍ଚନ୍ଦ୍ରଙ୍କ ଚରିତ୍ର ମହାତ୍ମା ଗାନ୍ଧୀଙ୍କ ପ୍ରଭାବିତ କରିଥିଲା । ନେଲସନ ମାଣ୍ଡେଲା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ।

ମହାପୁରୁଷମାନେ ଯୁଗେ ଯୁଗେ ସମାଜକୁ ପ୍ରଭାବିତ କରିଥାନ୍ତି, ସେଇଭଳି ଜଣେ ଅତି ଭଲ ଲୋକ ଥିଲେ ମନୋଜ ଦାସ । ମାତା କାଦମ୍ବିନୀ ଦେବୀ ଓ ପିତା ମଧୁସୂଦନଙ୍କର ସେ ପଞ୍ଚମ ସନ୍ତାନ ଥିଲେ । ୨୭ ଫେବୃଆରୀ ୧୯୩୪ରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଶଙ୍ଖାରୀ ଗ୍ରାମରେ ଜନ୍ମ ଗ୍ରହଣ କରି ପିତାମାତାଙ୍କୁ ଧନ୍ୟ କରି ସହ ଜନ୍ମପୀଠକୁ ମଧ୍ୟ ପବିତ୍ର କରିଥିଲେ ।

ଗ୍ରାମ୍ୟ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ବିଶ୍ୱନାଥ ଏକାଡେମୀରେ ପଢିବା ପରେ ଜଳେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ପଢିଥିଲେ ପୁନଃ ବଡ଼ଭାଇ ମନ୍ମଥ ଦାସଙ୍କ ନିକଟରେ ରହି ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ ।

ସେ କଟକ ଏବଂ ପୁରୀରେ ସ୍ନାତକ ଓ ଆଇନ ଶିକ୍ଷା କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ତାଙ୍କ ବାଲ୍ୟକାଳ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲା । ଛାତ୍ରବସ୍ଥାରେ ସେ ଛାତ୍ର ସଂଘର ନେତୃତ୍ୱ ନେଇଥିଲେ । ଏହି ସମୟରେ ତାଙ୍କର ସାହିତ୍ୟ ପ୍ରତି ଗଭୀର ଅନୁରକ୍ତି ପ୍ରକାଶ ପାଇଥିଲା । ୧୯୪୯ 'ଶତାବ୍ଦୀର ଆର୍ତ୍ତନାଦ' କବିତା ଥିଲା ତାଙ୍କର ଅନନ୍ୟ କୃତି । ଏହି ବିଜ୍ଞ ପୁରୁଷ, ଗଳ୍ପ, ଉପନ୍ୟାସ, କବିତା, ଇତିହାସ , ସଂସ୍କୃତ ଓ ଭ୍ରମଣକାହାଣୀ ଯେପରିକି ଅନ୍ତରଙ୍ଗ ଭାରତ, ଦୂରଦୂରାନ୍ତ, ଆଦି ଅନେକ ସାରସ୍ୱତ କ୍ଷେତ୍ରରେ ଲେଖନୀଚାଳନା କରିବା ସହ ଅନେକ ଶିଶୁ ଉପଯୋଗି ଲେଖା ପିଲାମାନଙ୍କର ବୌଦ୍ଧିକ, ଆତ୍ମିକ, ଆଧାତ୍ମିକ ଓ ମାନସିକ ବିକାଶ ନିମନ୍ତେ ଲେଖିଛନ୍ତି ଯେପରି କି ଶ୍ରୀକୃଷ୍ଣଙ୍କ କାହାଣୀ, ସୁନା ହରିଣ, ଚତୁର୍ଥ ବନ୍ଧୁ, ଭାରତର ନଦୀ ସମୂହ, ଭାରତର ମନ୍ଦିର ସମୂହ ଏତଦ୍ ବ୍ୟତୀତ ତାଙ୍କର ଆହୁରି ଶିଶୁ ମନଲାଖି ରଚନାମାନ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରୁଅଛି । ଶିଶୁ ଓ କିଶୋର ମନ ଉପରେ ପ୍ରଭାବ ପକାଇ ସେମାନଙ୍କୁ ସୁମାର୍ଗରେ ପରିଚାଳିତ କରିବା ଲକ୍ଷ୍ୟରେ ସେ ଶିଶୁ କିଶୋର ଲେଖାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଭୁଲି ଯାଇ ନାହାନ୍ତି । ଗୁରୁ ଅରବିନ୍ଦଙ୍କ ଉପରେ ମହାଯୋଗୀ ଅରବିନ୍ଦ ପୁସ୍ତକ ।

କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ସେ ଇଂରାଜୀ ଅଧ୍ୟାପକ ଭାବେ ଅଧ୍ୟାପନ କରିଥିଲେ । କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ଓ ବିଶିଷ୍ଟ ନାରୀ ସ୍ୱାଧୀନତା ସଂଗ୍ରାମୀ ରତ୍ନମାଳି ଜେମାଙ୍କ କନ୍ୟା ପ୍ରତିଜ୍ଞା ଜେନାଙ୍କ ସହ ତାଙ୍କର ବିବାହ ହୋଇଥିଲା । କହିବାକୁ ଗଲେ ଏହା ଏକ ମଣିକାଞ୍ଚନ ସଂଯୋଗ ସଦୃଶ୍ୟ ଥିଲା ।

ମହର୍ଷି ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନରେ ବହୁଭାବେ ପ୍ରଭାବିତ ହୋଇ ସେ ୧୦୬୩ ମସିହାରେ ପଣ୍ଡିଚେରୀ ଗଲେ ଏବଂ ସେଠାରେ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଅଧ୍ୟାପନା କଲେ । ଜୀବନର ଶେଷ ନିଶ୍ୱାସ ମଧ୍ୟ ସେଇଠାରେ ତ୍ୟାଗ କଲେ ।

ଏହି ଯୋଗଜନ୍ମା ପୁରୁଷ ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନାର ଅଧିକାରୀ ଥିଲେ, ଯେପରି କି କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୧ ରେ ପଦ୍ମଶ୍ରୀ ସମ୍ମାନ, ୨୦୨୦ରେ ପଦ୍ମଭୂଷଣ, ୨୦୨୦ ସତ୍ୟବାଦୀ ସାରସ୍ୱତ ସମ୍ମାନ, 'ଅମୃତ ଫଳ' ଲାଗି ସରସ୍ୱତୀ ସମ୍ମାନ କେ.କେ ବିରଳା ଫାଉଣ୍ଡେସନ ପକ୍ଷରୁ ପ୍ରାପ୍ତ ହୋଇଥିଲେ ।

ସୀତା ନିବାସ,ରାଜାବଗିଚା,କଟକ



ଧନ ମନୁଷ୍ୟକୁ ଦାସତ୍ୱ ବନ୍ଧନରେ ବାନ୍ଧିଦିଏ । ସେ ବନ୍ଧନ ତୁଟାଇବା ବଡ଼ କଷ୍ଟ । - ସଣ୍ଡର୍ସ

# ମନୋଜ ଦାସ



**(ଜନ୍ମ -୨୭.୦୨.୧୯୩୪ ତିରୋଧାନ -୨୭.୦୪.୨୦୨୧)**

ଉପସ୍ଥାପନା - ରାମଶଙ୍କର

**ଓଡ଼ିଆ ରଚନାବଳୀ -**

ଗଳ୍ପ ସଂକଳନ :

ସମୁଦ୍ରର କ୍ଷୁଧା(୧୯୫୨), ଜୀବନ ସ୍ୱାଦ(୧୯୫୩), ବିଷ କନ୍ୟାର କାହାଣୀ(୧୯୫୪), ଆରଣ୍ୟକ(୧୯୬୧), ଶେଷ ବସନ୍ତର ଚିଠି(୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ(୧୯୭୧), ଲକ୍ଷ୍ମୀର ଅଭିସାର(୧୯୭୪), ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ(୧୯୭୫), ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ(୧୯୭୭), ମନୋଜ ପଞ୍ଚବିଂଶତି(୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ(୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ(୧୯୯୦), ଅବଲୋକରା କାହାଣୀ(୧୯୯୧)

**ଇଂରାଜୀ ରଚନାବଳୀ -**

The Crocodile Lady: A Collection of Stories(1975)
The Submerged Valley and other stories(1986)
Farewell to a Ghost : short stories(1994)
Legend of the Golden Valley(1996)
Changing of Rainbow : Growing up in an Indian Village(2004)

**କବିତା ସଂକଳନ -**

ଶତାବ୍ଦୀର ଆର୍ତ୍ତନାଦ(୧୯୪୯),ବିପ୍ଲବୀ ଫକୀର ମୋହନ(୧୯୫୦), ପଦଧ୍ୱନୀ(୧୯୫୦), ନନ୍ଦବତୀର ମାଝୀ(୧୯୫୭), ଉପନିବେଶ(୧୯୬୬), ତୁମ ଗାଁ ଓ ଅନ୍ୟାନ୍ୟ କବିତା(୧୯୯୨), କବିତା ଉତ୍କଳ(୨୦୦୩)

**ଉପନ୍ୟାସ -**

ବୁଲଡୋଜର୍ସ(୧୯୮୯), ପ୍ରଭଞ୍ଜନ(୧୯୯୨), ଗୋଧୂଳିର ବାଘ(୧୯୯୫), ଅମୃତ ଫଳ(୧୯୯୬), ଆକାଶର ଇସାରା(୧୯୯୭), ତନ୍ଦ୍ରାଲୋକର ପ୍ରହରୀ(୨୦୦୦)

**ପ୍ରବନ୍ଧ ଓ ରମ୍ୟ ରଚନା -**

କେତେ ଦିଗନ୍ତ(୧୯୮୬), ବିପୁଳାଚ ପୃଥ୍ୱୀ(୧୯୯୪), ସମୁଦ୍ର କୂଳର ଏକ ଗ୍ରାମ(୧୯୯୬), ମହାଯୋଗୀ ଶ୍ରୀ ଅରବିନ୍ଦ(୧୯୯୭), ଭାରତର ଐତିହ୍ୟ : ଶତେକ ପ୍ରଶ୍ନର ଉତ୍ତର(୧୯୯୮), ଅରଣ୍ୟ ଉଲ୍ଲାସ(୧୯୯୯), ସ୍ମୃତି ଓ ବିସ୍ମୃତିର ସାରନାଥ(୧୯୯୯), ସତ୍ୟ-ଅସତ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ(୨୦୦୨), ଉପକଥା ଶତକ(୨୦୦୨), ପ୍ରଜ୍ଞା-ପ୍ରଦୀପିକା(୨୦୧୨)

**ଶିଶୁ ସାହିତ୍ୟ -**

ଆଲୋକ ଓ ଆନନ୍ଦର କାହାଣୀ(୧୯୭୦), ଅମର ସାହିତ୍ୟ(୧୯୭୩), କନକ ଉପତ୍ୟକାର କାହାଣୀ(୧୯୯୪), ରାକ୍ଷାସର ସନ୍ଧାନରେ(୨୦୧୦)

**ପୁରସ୍କାର ଓ ସମ୍ମାନ -**

୧. ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୬୨ ଓ ୧୯୮୭
୨. ଝଙ୍କାର ପୁରସ୍କାର, ୧୯୭୧
୩. କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୨
୪. ସାରଳା ପୁରସ୍କାର, ୧୯୮୧
୫. ବିଷୁବ ପୁରସ୍କାର, ୧୯୮୭
୬. ସାହିତ୍ୟ ଭାରତୀ ସମ୍ମାନ, ୧୯୯୫
୭. ସରସ୍ୱତୀ ସମ୍ମାନ, ୨୦୦୦
୮. ପଦ୍ମଶ୍ରୀ, ୨୦୦୧
୯. ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ୨୦୦୭
୧୦. ପଦ୍ମଭୂଷଣ, ୨୦୨୦

**ମନୋଜ ଦାସଙ୍କ ସ୍ମୃତିରେ -**

ଓଡ଼ିଆ ଏବଂ ଇଂରାଜୀ ଭାଷା ସାହିତ୍ୟକୁ ମନୋଜ ଦାସଙ୍କ ଅବଦାନ ପାଇଁ ତାଙ୍କର ସ୍ମୃତିରେ ଓଡ଼ିଶା ସରକାର ୨୦୨୧ରେ 'ମନୋଜ ଦାସ ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ଘୋଷଣା କରିଛନ୍ତି। ଏହା ପ୍ରତିବର୍ଷ ପ୍ରଦାନ କରାଯିବ। ଇଂରାଜୀ ଭାଷାରେ ଲେଖୁଥିବା ଓଡ଼ିଶାର ଜଣେ ସାହିତ୍ୟକଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ବିଦ୍ୟାଳୟ ସ୍ତରରେ ମୌଳିକ ସାହିତ୍ୟ ରଚନା ପାଇଁ 'ମନୋଜ - କିଶୋର ସାହିତ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଉଭୟ ଇଂରାଜୀ ଏବଂ ଓଡ଼ିଆଭାଷାରେ ସାହିତ୍ୟକୃତି ପାଇଁ ଏକ ଲକ୍ଷ ଟଙ୍କା କରି ଦୁଇଟି ପୁରସ୍କାର ରାଶି ପ୍ରଦାନ କରାଯିବ।

ଚଳଭାଷ - ୯୩୩୭୬୨୧୪୫୫

(ଆଧାର - ଗୁଗୁଲ)



# ଅହିଂସା ଏକ ବିରଳ ବିଭବ



ତୁଳସୀ ଜୈନ

ଭାରତୀୟ ସଂସ୍କୃତିରେ ହିଂସାକୁ ତିନିଭାଗରେ ବର୍ଗୀକୃତ କରାଯାଇଛି । ଆରମ୍ଭଜା, ବିରୋଧଜା ଓ ସଂକଳ୍ପଜା ହିଂସା । ଜୀବନ ଧାରଣ ନିମନ୍ତେ ଆରମ୍ଭଜା ହିଂସା କରିବା ପାଇଁ ଆମ୍ଭେ ବାଧ୍ୟ ହୋଇଥାଉଁ । ଅନ୍ନ, ବସ୍ତ୍ର, ବାସଗୃହ, ଶିକ୍ଷା, ଚିକିତ୍ସା ଆଦି ମଣିଷର ମୌଳିକ ଆବଶ୍ୟକତାର ପୂର୍ତ୍ତିପାଇଁ ପୃଥ୍ୱୀକାୟିକ, ବାୟୁକାୟିକ, ଜଳକାୟିକ, ଅଗ୍ନିକାୟିକ ଓ ବନସ୍ପତିକାୟିକ ଜୀବର ହିଂସା କରିବା ଅନିବାର୍ଯ୍ୟ ହୋଇପଡ଼େ ।  ସେହିଭଳି ଆତ୍ମରକ୍ଷା, ମାତୃଭୂମିର ସୁରକ୍ଷା ସକାଶେ ବିରୋଧଜା ହିଂସା ବି ଆବଶ୍ୟକ ହୋଇଥାଏ । ମଣିଷ ବିବଶ ହୋଇ ଏହି ଦୁଇ ପ୍ରକାର ଆଚରଣ କଲେ ମଧ୍ୟ ଏହା ନିଶ୍ଚିତ ଭାବରେ ହିଂସା, ଅହିଂସା ନୁହେଁ । ତେବେ ତୃତୀୟ ଶ୍ରେଣୀର ସଂକଳ୍ପଜା ହିଂସାରୁ ଆମେ ନିଜକୁ ସୁରକ୍ଷିତ ରଖିବାର ପ୍ରଯତ୍ନ କରିବା ଉଚିତ । ସଚେତନ ସ୍ତରରେ କ୍ରୂରତାର ସହିତି ଅନ୍ୟର ଅନିଷ୍ଟ କରିବା, କଠୋର ବଚନଦ୍ୱାରା ଅନ୍ୟକୁ ଆଘାତ ଦେବା କିମ୍ବା ମାନସିକ ସ୍ତରରେ ବି ଅନ୍ୟର ଅହିତ ଚିନ୍ତନ କରିବା ପ୍ରକ୍ରିୟାରୁ ବିରତ ରହିପାରିଲେ ଏହି ହିଂସାଠାରୁ ଆମେ ମୁକ୍ତ ହୋଇପାରିବା । ମାନସିକ, ବାଚିକ ଓ କାୟିକ ପୃଷ୍ଠଭୂମିରେ ହିଂସା କିମ୍ବା ଅହିଂସା ସାର୍ଥକ ହୋଇଥାଏ – ଏହା ମନେ ରଖିବାକୁ ହେବ ।

ମହାଭାରତରେ କୁହାଯାଇଛି –

**ଅହିଂସା ପରମୋ ଧର୍ମସ୍ତଥାହିଂସା ପରୋ ଦମଃ**
**ଅହିଂସା ପରମଂ ଦାନମହିଂସା ପରମଂ ତପଃ ।**
**ଅହିଂସା ପରମୋ ଯଜ୍ଞସ୍ତଥାହିଂସା ପରମଂ ଫଳମ୍**
**ଅହିଂସା ପରମଂ ମିତ୍ରମହିଂସା ପରମଂ ସୁଖମ୍ ॥"**

(ଅନୁଶାସନ ପର୍ବ, ୧୧୬/୨୮–୨୯)

ଅର୍ଥାତ ଅହିଂସା ପରମ ଉତ୍କୃଷ୍ଟ ଧର୍ମ, ପରମ ସଂଯମ, ପରମ ଦାନ, ପରମ ତପ, ପରମ ଯଜ୍ଞ, ପରମ ଫଳ, ପରମ ମିତ୍ର, ଏବଂ ଅହିଂସା ହିଁ ହେଉଛି ପରମ ସୁଖ । ମନରୁ କାହାରି ଅମଙ୍ଗଳ ନ ପାଂଚିବା ଏବଂ 'ସର୍ବେ ଭବନ୍ତୁ ସୁଖିନଃ' ଭିତରେ ନିଜେ ବି ସୁଖୀ ରହିପାରୁଥିବାର ଉଦାତ୍ତ ଭାବନା ସନ୍ନିହିତ ଏହି ବିଶ୍ୱାସ ଆମକୁ ଅହିଂସକ କରିଥାଏ । ଆଜିକାଲି ବାଣୀଜନ୍ୟ ହିଂସାର ସାମ୍ରାଜ୍ୟ ସୁଦୂର ପ୍ରସାରିତ । ବିନା ପ୍ରୟୋଜନରେ ଆମେ ସାବଦ୍ୟ ଅସଂଯତ ଭାଷାର ପ୍ରୟୋଗ କରି ଅନ୍ୟମାନଙ୍କୁ କ୍ଷତାକ୍ତ କରି ଚାଲିଛୁଁ । ସତ୍ୟ, ପ୍ରିୟ, ସୀମିତ ଓ ହିତକର କଥା କହିବାଟା ଆମେ ପାସୋରି ଦେଲୁଣି । ଅହଂକାର ଓ ମମକାର (ଅର୍ଥାତ୍ ମୁଁ ଓ ମୋର)ର କ୍ଷୁଦ୍ର ସମ୍ବଳ ଲଭି ନିଜକୁ ସର୍ବନିୟନ୍ତା ଭାବି ନେଇଛୁଁ। କାୟିକ ହିଂସା ବା Physical Violence କହିଲେ ଆମ କର୍ମ ବା କ୍ରିୟାରେ ହିଂସାର ରୂପାୟନକୁ ବୁଝାଇଥାଏ ।ଅଭାବ, ଅନାହାର, ଅସୁରକ୍ଷା ଭାବ, ବିଷମତା, ପ୍ରତିଶୋଧ ମନୋବୃତ୍ତି ଆଦି ବି ହିଂସାବୃଦ୍ଧିର ସହାୟକ ତତ୍ତ୍ୱ ଅଟନ୍ତି । ମନୋବିଜ୍ଞାନ ଅନୁସାରେ ମନୁଷ୍ୟର ଚିନ୍ତନ ଯଦି ନେଗେଟିଭ ହୁଏ ଏବଂ ତା' ଜୀବନରେ ଉତ୍ସବର ଉଲ୍ଲାସ ଲିଭିଯାଏ, ସେହିଲୋକ ହିଂସ୍ର ହେବାଟା ସାର । ହିଂସାର ପର୍ଯ୍ୟାୟବାଚୀ ଅନେକ ଶବ୍ଦ ଯଥା ହନନ, ବଧ, ଅପକାର, ପରପୀଡ଼ନ ଆଦି ହୋଇପାରନ୍ତି, କିନ୍ତୁ ଅହିଂସାର ପର୍ଯ୍ୟାୟବାଚୀ ଶବ୍ଦ ନାହିଁ କହିଲେ ଚଳେ । ପବିତ୍ର ବାଇବିଲରେ ଯୀଶୁ କହନ୍ତି – "Thou shalt Not kill" କାହାକୁ ମାର ନାହିଁ, ହିଂସାରୁ ବିରତ ହୁଅ ।

ଶସ୍ତ୍ରୀକରଣ, ଆତଙ୍କ ଏବଂ ନିରପରାଧ ଜୀବର ହତ୍ୟାର ଲୌହାବରଣକୁ ଛିନ୍ନ କରିପାରିଲେ ଅହିଂସାର ଅଙ୍କୁରଣ ସମ୍ଭବ ହୋଇଥାଏ । ଚରମ ଭୋଗବାଦ, ଯୁଦ୍ଧଲିପ୍ସା ଏବଂ ସଂକୀର୍ଣ୍ଣସ୍ୱାର୍ଥର ମୂଳଦୁଆ ଉପରେ ପ୍ରତିଷ୍ଠିତ ସଭ୍ୟତା ଭସ୍ମାସୁରମାନଙ୍କୁ ଉତ୍ପନ୍ନ କରିଥାଏ । ପାରିବାରିକ କଳହ, ମାନବୀୟ ସମ୍ବନ୍ଧରେ କଟୁତା, ଜାତିଗତ ସଂଘର୍ଷ, ସାଂପ୍ରଦାୟିକ ବିବାଦ, କ୍ଷେତ୍ରୀୟ ବିବାଦ ଏବଂ ସହାନବସ୍ଥାନ(ତୁମେ ରହିବ ନତୁବା ମୁଁ ରହିବି, ଦୁହେଁ ନୁହେଁ)ଆଦି ହେଉଛନ୍ତି ହିଂସାର ପ୍ରାରମ୍ଭିକ ରୂପ । ତେବେ ହିଂସା ମଣିଷର ସ୍ୱଭାବ ନୁହେଁ, ଏହା ହେଉଛି ବିଭାବ । ପ୍ରତ୍ୟହ ହିଂସା କରି ଜଣେ ଥକି ପଡ଼ିବ ଅଥଚ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅହିଂସା ଆଚରଣ ସହଜରେ କରାଯାଇ ପାରିବ । ମଣିଷ ସଂସାରର ସମସ୍ତ ଜୀବଙ୍କୁ ନିଜ ଜୀବଦ୍ଦଶା ମଧ୍ୟରେ ମାରି ନଥାଏ, କିନ୍ତୁ ସେମାନଙ୍କୁ ନ ମାରିବାର ସଂକଳ୍ପ ସ୍ୱୀକାର ନକରିବା ଯାଏଁ ତା'ର ଅହିଂସା ଅପରିପକ୍ୱ ରହିଥାଏ, ସିଦ୍ଧ ହୋଇପାରେ ନାହିଁ। ସେହିଭଳି କେବଳ ଜୀବକୁ ନ ମାରିବାଦ୍ୱାରା  ଅହିଂସା ସ୍ଥାପିତ ହୁଏନାହିଁ  । ଜୀବଜଗତକୁ ଅଭୟଦାନ ନଦେବା ପର୍ଯ୍ୟନ୍ତ ଅହିଂସା ଜୀବନରେ ଅବତରଣ କରେନାହିଁ । ଆମକୁ ସଂଯମ କରିବା ଶିଖିବାକୁ ହେବ । ଭିତରେ କାମନାର ବହ୍ନି ଜଳୁଛି, ଆମେ ତାକୁ ଉପଶାନ୍ତ କରିବାର ପ୍ରଯତ୍ନ କରୁନୁ । ବାଲ୍ୟକାଳରୁ ତ୍ୟାଗର ଚେତନା, ବ୍ରତ ସ୍ୱୀକାର କରିବାର ସଂସ୍କାର ଜାଗ୍ରତ କରିବାକୁ ହେବ । ତ୍ୟାଗ ଭାବ ଆମ ଭିତରେ ପ୍ରତିପିଣ୍ଡ ବା Anti Body କାମ କରିଥାଏ । ତ୍ୟାଗ, ସଂଯମ ଓ ବ୍ରତ ଚେତନା ବୃଦ୍ଧି ପାଇଲେ ଦୁଃଖ ଓ କଷ୍ଟର ତାପ ହ୍ରାସପାଏ । କେବଳ ସୁବିଧାବାଦର ମାନସିକତାରୁ ବାହାରି ଆସି କଷ୍ଟକୁ ସହନ କରିବା ପାଇଁ ପ୍ରସ୍ତୁତି ଏବଂ ଇଚ୍ଛାଶକ୍ତି ରହିଥିବା ଉଚିତ ।

ସେଥିପାଇଁ କୁହାଯାଇଛି –

**ସର୍ବଂ ପରବଶଂ ଦୁଃଖମ୍ । ସର୍ବଂ ଆତ୍ମବଶଂ ସୁଖମ୍ ॥**

ଚେତନାର କ୍ରମାଗତ ବିକାଶ ହିଁ  ମଣିଷର ଭାଗ୍ୟ ବଦଳାଇଥାଏ, ଆଉ କିଛି ନୁହେଁ ।

୧୯୮୭ ମସିହା । ଜୈନ ସାଧ୍ୱୀଶ୍ରୀ ପିସ୍ତାଜୀ ନିଜ ସହବର୍ତ୍ତିନୀ ସାଧ୍ୱୀତ୍ରୟ ସହିତ ବଲାଙ୍ଗିର ଜିଲ୍ଲାର ତୁଷରା ଗାଆଁରେ ଚାତୁର୍ମାସ୍ୟା ପାଳନ କରୁଥାନ୍ତି । ଜୈନ ସାଧୁସାଧ୍ୱୀମାନେ ବର୍ଷା ଚାରିମାସ (ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ) ସାଧାରଣତଃ ଗୋଟିଏ ସ୍ଥାନରେ ଅବସ୍ଥାନ କରିଥାନ୍ତି । ଅବଶିଷ୍ଟ ମାସଗୁଡ଼ିକ ପଦଯାତ୍ରା ମାଧ୍ୟମରେ ଗ୍ରାମାନୁଗ୍ରାମ ବିହରଣ କରି  ଲୋକଙ୍କୁ ସଦାଚାର ପାଇଁ ପ୍ରେରିତ କରନ୍ତି । ଚାତୁର୍ମାସ୍ୟା



ଲାଳସାର ଗତି ଯେତେବେଳେ ତ୍ୱରାନ୍ୱିତ ହେବାକୁ ଆରମ୍ଭ କରେ, ମନୁଷ୍ୟ ଯାଇ ପଡ଼ିଯାଏ ଲାଞ୍ଛନାର ଅତଳ ଗହ୍ୱରରେ । – ବକ

ସଂପନ୍ନ ହେବାକୁ ଥାଏ । ପ୍ରବୁଦ୍ଧ ଶ୍ରୋତାମାନଙ୍କ ଉପସ୍ଥିତିରେ ଦିନେ ସାଧ୍ୱୀଶ୍ରୀ ପ୍ରବଚନ କରୁଥାନ୍ତି । ପ୍ରସଙ୍ଗବଶତଃ କହିଲେ – ଆପଣମାନେ ଜୀବନରେ ଯେତେ ପ୍ରକାର ବନସ୍ପତି ଜାତୀୟ ଶସ୍ୟ, ପତ୍ର, ଫଳ, ପୁଷ୍ପ ଆଦି ବ୍ୟବହାର କରିଥାନ୍ତି, ତା'ର ଏକ ତାଲିକା ପ୍ରସ୍ତୁତ କରି ଏକ ସପ୍ତାହ ମଧ୍ୟରେ ଆଣନ୍ତୁ । ସପ୍ତାହାନ୍ତେ ସମସ୍ତଙ୍କ ଲିଷ୍ଟ ଆସିଲା । ଜଣେ ୧୬୪ ପ୍ରକାର ଉଦ୍ଭିଦଜ ସାମଗ୍ରୀର ତାଲିକା ଦେଇଥାନ୍ତି । ବାକିମାନଙ୍କ ତା'ଠାରୁ କମ୍ ଥାଏ । ସାଧ୍ୱୀଶ୍ରୀ କହିଲେ – ଆଉ ୨୪ ଘଣ୍ଟା ଦେଉଛି ।ଗଭୀର ଚିନ୍ତନ କରନ୍ତୁ । ତାଲିକା ବଢ଼ିପାରେ । ପରଦିନ କାହାର ଗୋଟିଏ ଦିଇଟି ସାମଗ୍ରୀ ବଢ଼ିଥାଏ । ଏବେ ସାଧ୍ୱୀଶ୍ରୀ ଗୋଟିଏ ଅଦ୍ଭୁତ କଥା କହିଲେ – ଆପଣମାନଙ୍କ ନିଜ ନିଜ ତାଲିକାରେ ଉଲ୍ଲିଖିତ ସାମଗ୍ରୀ ବ୍ୟତୀତ ଅନ୍ୟ ସମସ୍ତ ବନସ୍ପତିକାୟ ଜୀବର ସେବନକୁ ଆଜୀବନ ତ୍ୟାଗ କରିବାର ସଂକଳ୍ପ ନିଅନ୍ତୁ । ଅଧିକାଂଶ ଶ୍ରୋତା ବ୍ରତଗ୍ରହଣ କରିନେଲେ । ମୁଁ ପ୍ରଶ୍ନ କଲି – 'ଆମେ ତ' ଏମାନଙ୍କ ବ୍ୟତୀତ ଅନ୍ୟକିଛି ଖାଉନାହୁଁ ।ସେମାନଙ୍କ ସମ୍ବନ୍ଧରେ ଆମର ଜ୍ଞାନମଧ୍ୟ ନାହିଁ । ତ୍ୟାଗ ପୁଣି କାହିଁପାଇଁ ? ସାଧ୍ୱୀଶ୍ରୀ ଏକ ବିଜ୍ଞାନସମ୍ମତ ଯୁକ୍ତି ପ୍ରଦାନକରି କହିଲେ – 'ବନସ୍ପତି ପ୍ରଜାତି ଅସଂଖ୍ୟ, ଅସୀମିତ । ସେମାନଙ୍କ ମଧ୍ୟରେ ସ୍ୱାଭାବିକ ଆଶଙ୍କା ରହିଥାଇପାରେ ଯେ ଅମୁକ ଲୋକ ଆଜି ସିନା ମୋତେ ଖାଉନାହିଁ, ଭବିଷ୍ୟତରେ ମୋତେ ଖାଇପାରିବ । ଆମେ ଏହି ବ୍ରତଦ୍ୱାରା ତାଲିକା ବହିର୍ଭୁତ ସମସ୍ତ ବନସ୍ପତି-ଜୀବ-ଜଗତକୁ ଅଭୟ ଓ ଆଶ୍ୱସ୍ତ କରିପାରିବା' । ଏହା ଅହିଂସାର ଏକ ସୂକ୍ଷ୍ମରୂପ ।

ଭଗବାନ ମହାବୀର ଆଉ ସୂକ୍ଷ୍ମତର ରୂପ ପ୍ରଦାନ କରି କହିଛନ୍ତି – 'ଜଣେ ସାଧକ ପ୍ରମତ୍ତ ଅବସ୍ଥାରେ ଅର୍ଥାତ୍ ବେପରବାୟ ହୋଇ ଚଳପ୍ରଚଳ କରିବା ସମୟରେ ଜୀବଟିଏ ମରିପାରେ, ନ ମରିପାରେ ମଧ୍ୟ, କିନ୍ତୁ ସାଧକ ହିଂସାଚାର ଦୋଷରେ ଦୋଷୀ ଗଣ୍ୟହେବ । ଯଦି ସତର୍କତା ସହିତ ଚଳାଚଳ କରିଛନ୍ତି କଦାଚିତ୍ ଏହି ସମୟରେ କୌଣସି ଜୀବ ମରିଯାଏ, ତଥାପି ସାଧକ ହିଂସକ ବୋଲାଏ ନାହିଁ । ପ୍ରମାଦ ହେଉଛି ସାକ୍ଷାତ ହିଂସା ଏବଂ ଅପ୍ରମାଦ ହିଁ ଅହିଂସା ।

**ତୁଷରା, ବଲାଙ୍ଗିର**
**ମୋ – ୭୯୭୮୦୮୨୭୬୬**

## ଆମ ଅମୂଲ୍ୟ ଜାତୀୟ ସଂକେତ



ଜବାହରଲାଲ ସୁବୁଦ୍ଧି

ଜାତୀୟ ପତାକା ଆମରି 'ତ୍ରିରଙ୍ଗା',
ଜାତୀୟ ସଂଗୀତ ଜନ-ଗଣ,
ଜାତୀୟ ଗୀତିକା 'ବନ୍ଦେ ମାତରମ୍'
'ପଦ୍ମ' ଜାତୀୟ ଫୁଲ ଜାଣ ।୧।
ଜାତୀୟ ପକ୍ଷୀ ଆମରି 'ମୟୂର'
'ବାଘ' ଯେ ଜାତୀୟ ପଶୁ,
ଆମ 'ବରଗଛ' ଜାତୀୟ ବୃକ୍ଷ ଯେ
'ଆମ୍ବ' ଯେ ଜାତୀୟ ଫଳ ।୨।
'ହକି'ଟି ଆମର ଜାତୀୟ ଖେଳ ଯେ
ଜଗତେ ଭାରତ ମହାନ୍,
ରାଇଜର ଭାଷା ମାତୃଭାଷା ଯେ
ପ୍ରଚଳନେ ମହୀୟାନ୍ ।୩।

ବଡ଼ତୋଟା, ଜଟଣୀ, ଖୋର୍ଦ୍ଧା
ମୋ – ୮୦୧୮୮୫୨୦୯୫

## ବାବା ଆଖଣ୍ଡଳେଶ୍ୱର



ବାବାଜୀ ଚରଣ ଜେନା

ଜୟଜୟ ଶିବ ଶମ୍ଭୁ
ବାବା ଆଖଣ୍ଡଳେଶ୍ୱର
ଆରିଡିରେ ବିରାଜିଛ
ଦୁଃଖ କରିବାକୁ ଦୂର,,ଜୟଜୟ,।୦।
ମହିମା ଅପାର ତୁମ ପାରେ କିଏ କଳି
ମୃତ୍ୟୁଞ୍ଜୟ ମନ୍ତ୍ରେ ଯାଏ ବିପଦଯେ ଟଳି
ସହି ପାର ନାହିଁ ତୁମେ ଭକତର ଅଳି
ତ୍ରିନେତ୍ରରେ ଚାହିଁ ପ୍ରଭୁ କୃପାଦିଅ ଢାଳି
ସୁମରଣା କରଇ ଯେ
କମେ ତାର ଦୁଃଖଭାର,,ଜୟଜୟ,।୧।
ଲହୁଣୀ ନବାତ କ୍ଷୀର ସଙ୍ଗେ ବେଲପତ୍ର
ଭକ୍ତିଭରେ ଅରପିଲେ ସ୍ଥିର ହୁଏ ଚିତ୍ତ
ଜୀବନ ଜଞ୍ଜାଳେ ଯିଏ ହୁଅଇ ଆଶ୍ରିତ
ସୁଗମ ହୁଅଇ ତାର ଜୀବନର ପଥ
ଅଳପେ ସନ୍ତୁଷ୍ଟ ତୁମେ
ଭାବଭୋଳା ମହେଶ୍ୱର,,ଜୟଜୟ,,।୨।

ଅହଲ୍ୟା ନିବାସ,
ପୋପରଡା, ନୂଆବଜାର, କଟକ
ମୋ – ୯୪୩୭୮୩୪୭୧୯



ପାପଟାକୁ ସ୍ୱୀକାର କରିଗଲା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ । – ଲୁଥର




# ଯୋଶେଫ୍ ଶିରିଲ୍ ବାମଫୋର୍ଡ



ଇଂ ସତ୍ୟବ୍ରତ ରଥ

ବିଶ୍ୱବାସୀଙ୍କର କଲ୍ୟାଣ ନିମନ୍ତେ ବୈଜ୍ଞାନିକମାନେ ଅହରହ ଉଦ୍ୟମ କରି ଚାଲିଛନ୍ତି। ସେମାନଙ୍କ ଗବେଷଣା ଓ ଆବିଷ୍କାର ମାନବ ସମାଜକୁ ପ୍ରଗତିର ସୋପାନ ପରେ ସୋପାନ ଚଢ଼ାଇ ନେଉଛି। ପୂର୍ବରୁ ଯେଉଁ କାମ ସବୁ ଶ୍ରମ ଶକ୍ତି ଦ୍ୱାରା ହେଉଥିଲା, ଏବେ ତାହା ଯନ୍ତ୍ର ଶକ୍ତି ଦ୍ୱାରା ହୋଇ ପାରୁଛି।

ଆଜି ଯୁଗରେ କୋଠାବାଡ଼ି ନିର୍ମାଣ, ମୃତ୍ତିକା ଖନନ, ଭୂମି ଭାଗର ଉଚ୍ଚତା ବୃଦ୍ଧି କ୍ଷେତ୍ର ଏକ ମେସିନ୍ ବା ଯନ୍ତ୍ର ବ୍ୟବହୃତ ହେଉଛି। ଏହି ଯନ୍ତ୍ରର ନିର୍ମାତା ଯୋଶେଫ୍ ଶିରିଲ୍ ବାମଫୋର୍ଡ ନିଜ ନାମ ଅନୁସାରେ ଯନ୍ତ୍ରର ନାମ ଜେ.ସି.ବି. ରଖିଥିଲେ।ଏହି ଯନ୍ତ୍ର ସାହାଯ୍ୟରେ ମୃତ୍ତିକା ଖନନ ତଥା ବିସ୍ଥାପନ କାର୍ଯ୍ୟ ଅତି ସହଜରେ ଏବଂ ଅଳ୍ପ ସମୟରେ ହୋଇ ପାରିଛି।

ଯୋଶେଫ୍ ଇଂଲଣ୍ଡର ଷ୍ଟାଫୋର୍ଡସାୟରଠାରେ ୧୯୧୬ ମସିହା ଜୁନ୍ ୨୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ପିଲାଦିନରୁ ସେ ନିରଳସ ଓ ପରିଶ୍ରମୀ ଥିଲେ। ସେ ମନ ଦେଇ ପାଠ ପଢୁଥିଲେ। ସହପାଠୀମାନେ ତାଙ୍କୁ ଭାରି ଭଲ ପାଉଥିଲେ। ଯୋଶେଫ୍‌ଙ୍କ ଜେଜେବାପା କୃଷି ଯନ୍ତ୍ରପାତି ନିର୍ମାଣ କରିବା ପାଇଁ ଏବଂ ବ୍ୟବସାୟିକ ଅନୁଷ୍ଠାନ ସ୍ଥାପନ କରିଥିଲେ। ଜେଜେବାପାଙ୍କ ଅନୁଷ୍ଠାନକୁ ଛୁଟିଦିନ ଯୋଶେଫ୍ ଯାଇ ଜେଜେବାପାଙ୍କୁ କେତେ କଥା ପଚାରୁଥିଲେ। ହାଇସ୍କୁଲରେ ପଢ଼ିବା ବେଳଠୁ ଯନ୍ତ୍ରବିଜ୍ଞାନର ଚମତ୍କାରିତା ତାଙ୍କୁ ପ୍ରଭାବିତ କରିଥିଲା।

୧୯୧୪ ମସିହାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସେ ଇଂଲଣ୍ଡର ଏକ ଯାନ୍ତ୍ରିକ ଅନୁଷ୍ଠାନ (କାରଖାନା)ରେ ଯୋଗ ଦେଇଥିଲେ। ସେଠାରେ ପ୍ରତ୍ୟେକ ଯନ୍ତ୍ରାଂଶର କାର୍ଯ୍ୟ ଉପରେ ତଥ୍ୟ ସଂଗ୍ରହ କରି ଏକ ଡାଏରୀରେ ଲେଖି ରଖୁଥିଲେ। ଦୁଇବର୍ଷ ଚାକିରି କରିବା ପରେ ନିଜେ କିଛି କରିବା ପାଇଁ ମନସ୍ଥ କରିଥିଲେ। ତାଙ୍କର ଜଣେ ଆଣ୍ଟି ଥିଲେ ଯିଏ ଯୋଶେଫ୍‌ଙ୍କ ଚିନ୍ତାଧାରାକୁ ସମର୍ଥନ କରିଥିଲେ। ଯୋଶେଫ୍‌ଙ୍କ ଘରଠାରୁ ତାଙ୍କଘର ମାତ୍ର ପାଞ୍ଚ କିଲୋମିଟର ବାଟ। ଆଣ୍ଟି ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ଥିଲେ ଓ ତାଙ୍କର ଚିତ୍ରକଳା ଓ ନକ୍‌ସାଙ୍କନରେ ଦକ୍ଷତା ଥିଲା।

ଯୋଶେଫ୍ ଆଣ୍ଟିଙ୍କ ଘର ନିକଟବର୍ତ୍ତୀ ଏକ ଗ୍ୟାରେଜ୍‌କୁ ଭଡା ସୂତ୍ରରେ ନେଲେ। କ'ଣ କରିବେ ବୋଲି ଭାବି ଚାଲିଲେ। ସେତେବେଳେ ଧନୀକ ଶ୍ରେଣୀର ବ୍ୟକ୍ତିମାନେ ଜିପ୍‌ରେ ଯିବା ଆସିବା କରୁଥିଲେ। ଟ୍ରକ୍‌ରେ ଜିନିଷ ପତ୍ର ପରିବହନ କରା ଯାଉଥିଲା। ଯୋଶେଫ୍ ଚିନ୍ତାକଲେ - ଅଳ୍ପ ଜିନିଷ ଜିପ୍‌ରେ କିପରି ନେବା ଆଣିବା କରାଯାଇ ପାରିବ। ପ୍ରାୟ ଦୁଇମାସ ପରୀକ୍ଷା ନିରୀକ୍ଷା ପରେ ସେ ଏକ ନମୁନା ଟ୍ରଲି ତିଆରି କଲେ। ସେଥିରେ ଦୁଇଟି ଚକ ଲାଗିଥିଲା। ଏହାପରେ ସେ ଟ୍ରଲିର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାରେ ପରିବର୍ତ୍ତନ ଆଣିଥିଲେ। ଗୋଟିଏ ଜିପ୍‌ରେ ଟ୍ରଲି ଲଗାଇ ଟ୍ରଲିରେ କିଛି ଜିନିଷ ପତ୍ର ରଖି ନିଜେ ଗାଡି ଚଳାଇ ପନ୍ଦର କିଲୋମିଟର ବାଟ ଗଲେ ଓ ଗ୍ୟାରେଜ୍‌କୁ ଫେରି ଆସିଲେ। ଏହି ସଫଳତାରେ ଖୁସି ହୋଇ ହିରର୍...ହିର୍‌ର ଶବ୍ଦ କରିଥିଲେ। ପ୍ରଥମ ବର୍ଷ ସେ ୧୩୧ଟି ଟ୍ରଲି ତିଆରି କରିବା ପାଇଁ ସକ୍ଷମ ହୋଇଥିଲେ। ଟ୍ରଲିର ଆଦର ବଢ଼ିଲା ଓ ସେ ଅନେକ ଟଙ୍କା ରୋଜଗାର କଲେ।

ଏହାପରେ ସେ ଆଣ୍ଟିଙ୍କ ସହ ପରାମର୍ଶ କଲେ। ମାଟି ଖୋଳିବା ଓ ବିସ୍ଥାପନ କରିବା ପାଇଁ ଯନ୍ତ୍ରଟିଏ କରିବା ପାଇଁ ସ୍ଥିର କଲେ। ତିନୋଟି ନକ୍‌ସା କରି ସେ ଜଣେ ଇଂଜିନିୟରଙ୍କ ସହ ପରାମର୍ଶ କଲେ। ଗୋଟିଏ ପରେ ଗୋଟିଏ ଯନ୍ତ୍ରାଂଶ ସେ ତିଆରି କଲେ। ଖନନ ଅଂଶକୁ ତିଆରି କରିବା ପାଇଁ ତାଙ୍କୁ ଦୁଇମାସ ସମୟ ଲାଗିଲା। ୧୯୪୫ ମସିହାରେ ମଧ୍ୟ ଭାଗରେ ସେ ନୂଆ ଯନ୍ତ୍ରଟିକୁ ଠିଆ କରାଇଲେ। ତାହାର କାର୍ଯ୍ୟକାରୀତା ପରୀକ୍ଷା କରିବା ପାଇଁ ନିକଟସ୍ଥ ଏକ ପଡିଆକୁ ନେଇଥିଲେ। ପାଞ୍ଚଜଣ ଶ୍ରମିକଙ୍କୁ ସାଙ୍ଗରେ ନେଇଥିଲେ। ଆଣ୍ଟିଙ୍କୁ ମଧ୍ୟ ସେଠାକୁ ଡାକିଥିଲେ। ଚୂନ ସାହାଯ୍ୟରେ ମାଟିରେ ଦୁଇଟି

ସରଳରେଖା ଟଣାଗଲା। ଦୁଇ ସରଳରେଖା ମଧ୍ୟରେ ଦୂରତା ଥିଲା ଦୁଇଫୁଟ। ମେସିନ୍ ଅନ୍ କରାଗଲା। ଅଧଘଣ୍ଟାରେ ୧୨୦ ଘନଫୁଟ ମାଟି ଖୋଳା ହୋଇ ପାରିଲା। ଯନ୍ତ୍ରର ଦକ୍ଷତା ବୃଦ୍ଧି ପାଇଁ ଯୋଶେଫ୍ ଖନନ ପାତିଆର (Excavating plate) ଆକାରରେ ପରିବର୍ତ୍ତନ ଆଣିଲେ। ଅଳ୍ପ ଦିନରେ ସେ ଯନ୍ତ୍ରଟିର ପୂର୍ଣ୍ଣାଙ୍ଗ ଅବସ୍ଥାକୁ ଦେଖି ଖୁସି ହୋଇଥିଲେ। ବ୍ୟବସାୟିକ ଦୃଷ୍ଟିରୁ ସେ ଏଭଳି କେତୋଟି ଯନ୍ତ୍ର ତିଆରି କଲେ। ଇଂଲଣ୍ଡରେ ଏହା କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ୧୯୫୨ ମସିହା ବେଳକୁ ଜେ.ସି.ବି. ୧୨ଟି ଦେଶରେ ଦେଖିବାକୁ ମିଳିଲା, ଯୋଶେଫ୍ ବହୁ ପାଉଣ୍ଡର ମାଲିକ ହୋଇ ପାରିଲେ।

ତାଙ୍କ ସଫଳତାରେ ଆର୍ଣ୍ଣି ସବୁଠୁ ଅଧିକ ଖୁସି ହୋଇଥିଲେ। ଯୋଶେଫ୍‌ଙ୍କୁ ଅଭିନନ୍ଦନ ଜଣାଇ ସେ କହିଥିଲେ - "ପ୍ରିୟ ଯୋଶେଫ୍, ପ୍ରକୃତି ଆମକୁ ସବୁକିଛି ଦେଇଛି। ମୃତ୍ତିକା, ଶିଳା,ଜଳ, ସୂର୍ଯ୍ୟାଲୋକ,ଧାତବ ଅଧାତବ ପଦାର୍ଥ, ବୃକ୍ଷଲତା ଆଦି ସବୁ ପ୍ରକୃତିର ଅନୁଦାନ।ଏହି ଅନୁଦାନକୁ ଆମେ ଉପଭୋଗ କରୁଛେ। ବିଦ୍ୟା, ବୁଦ୍ଧି, ଜ୍ଞାନ ଓ କୌଶଳ ବଳରେ ଏହି ଅନୁଦାନର ସଦୁପଯୋଗ ଏକ ମହାନ୍ କାମ। ତୁମେ ସେଭଳି କିଛି କରିପାରିଛ, ଯାହା ମାନବ ସମାଜର କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଆଉ ଗୋଟିଏ କଥା ଜଣେ ପ୍ରିୟ ଶ୍ରମିକର ପରାମର୍ଶରେ ଜେ.ସି.ବି. ର ରଙ୍ଗ ହଳଦିଆ ରଖିଛ। ହଳଦିଆ ରଙ୍ଗ ପ୍ରଗତିର ପ୍ରତୀକ। ତେଣୁ ତୁମର ସମ୍ମାନ ବୃଦ୍ଧି ପାଇବ।"

ଯୋଶେଫ୍ ଆର୍ଣ୍ଣିଙ୍କୁ କୃତଜ୍ଞତା ଜଣାଇଥିଲେ।

କଲେଜରୋଡ୍, ବାଙ୍କୀ, କଟକ
ମୋ - ୯୯୩୭୩୨୭୬୪୭

# ସରୋଜିନୀ ନାଇଡୁ

ଜନ୍ମ-୧୩.୦୨.୧୮୭୯ ତିରୋଧାନ-୦୨.୦୩.୧୯୪୯

ଉପସ୍ଥାପନା - ରାମଶଙ୍କର

ସରୋଜିନୀ ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିତା ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ମାତା ବରଦା ସୁନ୍ଦରୀ ଦେବୀଙ୍କ ଆଠଟି ସନ୍ତାନମାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ଥିଲେ। ମାଡ୍ରାସରେ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ଲଣ୍ଡନର କିଙ୍ଗସ କଲେଜ ଓ କେମ୍ବ୍ରିଜର ଗ୍ରୀଟନ କଲେଜରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ୧୮୯୮ ରେ ବିବାହ କରିଥିଲେ।

ଜୀବନର ପ୍ରଥମ ଭାଗରେ ଜଣେ ସୁବକ୍ତା ରୂପେ ଖ୍ୟାତି ଅର୍ଜନ କରିଥିଲେ। ନାରୀ ଶିକ୍ଷା, ନାରୀ ସ୍ୱାଧୀନତା ସପକ୍ଷରେ ସେ ଅତ୍ୟନ୍ତ ପ୍ରଭାବଶାଳୀ ଯୁକ୍ତି ଉପସ୍ଥାପନ କରି ବିଜ୍ଞ ବ୍ୟକ୍ତିଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥିଲେ। ୧୯୧୧ ରେ ଘଟିଥିବା ଏକ ପ୍ରଳୟଙ୍କରୀ ବନ୍ୟାରେ ପ୍ରଭାବିତ ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରି ସମ୍ମାନିତ ହୋଇଥିଲେ। ୧୯୧୪ରେ ମହାତ୍ମାଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଏହା ପରଠାରୁ ସେ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ରୂପେ ଯୋଗ ଦେଇଥିଲେ। ବ୍ରିଟିଶ ସରକାର ତାଙ୍କୁ ୧୯୩୨ ଓ ତତ୍ପରେ ଭାରତ ଛାଡ ଆନ୍ଦୋଳନରେ ନେତୃତ୍ୱ ଯୋଗୁଁ ଜେଲରେ ବନ୍ଦୀ କରି ରଖିଥିଲା।

ସ୍ୱାଧୀନତା ପରେ ସେ ପ୍ରଥମ ମହିଳା ଗଭର୍ଣ୍ଣର ରୂପେ ୟୁନାଇଟେଡ୍ ପ୍ରୋଭିନ୍ସ (ବର୍ତ୍ତମାନର ଉତ୍ତର ପ୍ରଦେଶ) ରେ ନିଯୁକ୍ତି ପାଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ। ଜଣେ ସ୍ୱାଧୀନତା ସଂଗ୍ରାମୀ ସହିତ କବୟିତ୍ରୀ ରୂପେ ତାଙ୍କର ସ୍ୱତନ୍ତ୍ର ପରିଚୟ ଅଛି। ସେ ୧୨ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ କବିତା ପୁସ୍ତକ ୧୯୦୫ ରେ ଲଣ୍ଡନରେ ପ୍ରକାଶିତ ହୋଇଥିଲା।

ଦ୍ୱିତୀୟ କବିତା ପୁସ୍ତକ 'ଦ ବାର୍ଡ ଅଫ୍ ଟାଇମ୍' ୧୯୧୨ ରେ ଉଭୟ ଲଣ୍ଡନ ଓ ନ୍ୟୁୟର୍କରେ ପ୍ରକାଶ ପାଇଥିଲା। ବ୍ରିଟିଶ ସରକାରର ଶୋଷଣକୁ ବିରୋଧ କରି ତାଙ୍କର ଶେଷ କବିତା ପୁସ୍ତକ ୧୯୧୭ ରେ ପ୍ରକାଶିତ ହୋଇଥିଲା।ଜଣେ କବୟିତ୍ରୀ ରୂପେ ସେ "ନାଇଟିଙ୍ଗଲ ଅଫ୍ ଇଣ୍ଡିଆ - ଭାରତର କୋଇଲି" ଭାବରେ ପରିଚିତ। ସେତେବେଳର ଇଂରେଜ କବି, ଲେଖକ, ନାଟ୍ୟକାର, ପ୍ରକାଶକମାନେ ତାଙ୍କର କାବ୍ୟ ପ୍ରତିଭାରେ ଚମତ୍କୃତ ହୋଇଥିଲେ।

ଚଳଭାଷା - ୯୩୩୭୬୨୧୪୫୫

(ଆଧାର- ଗୁଗୁଲ)



ବିଷଧର ସର୍ପ ଦଂଶନରୁ ମନୁଷ୍ୟ ହୁଏତ ଆରୋଗ୍ୟ ହୋଇଯିବ, ନିନ୍ଦୁକର ଦଂଶନରୁ ମୁକ୍ତି ହେବା ସହଜ ନୁହେଁ। - ବୋରହାଭେ

# ସତ୍ୟ ଶିବ ସୁନ୍ଦର



ସ୍ୱାମୀଶ୍ରୀ ଜୟଦେବ ଭାରତୀ

ସତ୍ୟରୁ ଜାତ ଏ ସାରା ଜଗତ ସତ ହିଁ ଜୀବନ ସାର,
ସତରୁ ଦୂରେଇ ଜିଏଁ ଯେ ଜୀବନ ସିଏ ହିଁ ଧରାର ଭାର,
ସତ ଭାବନାରେ ସତ ଭାଷଣରେ ଆଚରଣେ ସଦାଚାର,
ସଦ ବରଣେ ଯେ ସତ୍ ପୁରୁଷ ସେ ବିଶ୍ୱ ଯା' ଆପଣାର।
ସତ ହିଁ ନିତ୍ୟ ସତ ହିଁ ଚୈତ୍ୟ ସତରୁ ସାତ୍ତ୍ୱିକତା,
ସତ ହିଁ ସ୍ୱଚ୍ଛ ନୁହଇ ଗଚ୍ଛ ସତରୁ ନିର୍ଭୟତା,
ସତ ହିଁ ଧର୍ମ ସତରେ କର୍ମ କଲେ ହେବ ଜୟ ନିଶ୍ଚୟ,
ସତ ହିଁ ଶିବଦ ସତ ହିଁ ସୁଖଦ ଶୁଭ ମଙ୍ଗଳମୟ ।।
ଶିବ ହିଁ ସତ୍ୟ ଶିବ ହିଁ ତଥ୍ୟ ଶିବ ହିଁ ପରମ ତତ୍ତ୍ୱ,
ଶିବ ହିଁ ଶାନ୍ତ ଶିବ ମହାନ୍ତ ଶିବ ବି ପରମ ଭକ୍ତ ,
ଶିବ ହିଁ ଶ୍ରେଷ୍ଠ ଶିବ ହିଁ ଜ୍ୟେଷ୍ଠ ଶିବ ହିଁ ପରମ ଯୋଗୀ,
ଶିବ ହିଁ ସାମ୍ୟ ଶିବ ହିଁ କାମ୍ୟ ଶିବ ଯେ ପରମ ତ୍ୟାଗୀ।
ଶିବ ହିଁ ସିଦ୍ଧ ଶିବ ହିଁ ବୁଦ୍ଧ ଶିବ ହିଁ ବ୍ରହ୍ମ ବେତ୍ତା,
ଶିବ ହିଁ ସୃଷ୍ଟି ଶିବ ହିଁ ସ୍ରଷ୍ଟା ଶିବ ସଂହାର କର୍ତ୍ତା ,
ଶିବ ହିଁ ଦୃଶ୍ୟ ଶିବ ହିଁ ଦୃଷ୍ଟି ଶିବ ଦର୍ଶନକାରୀ,
ଶିବ ହିଁ ଶୂନ୍ୟ ଶିବ ହିଁ ପୂର୍ଣ୍ଣ ପ୍ରଣବ ବ୍ରହ୍ମଚାରୀ ।।
ସୁନ୍ଦର ଶିବ ସୃଷ୍ଟିରେ ଭାଇ ସୁନ୍ଦର ତମ ବିଶ୍ୱ ,
ସୁନ୍ଦରତମ ନରତନୁ ଆମ ମଣନା ନିଜକୁ ନିଃସ୍ୱ,
ସୁନ୍ଦର ଯାର ଚିତ୍ତକାନନ ଗାଏ ସ୍ରଷ୍ଟାର ଜୟ,
ସୁନ୍ଦର ଯେଣୁ ବିଶ୍ୱ ବିଧାତା ସୃଷ୍ଟିଟା ମଧୁମୟ।
ସୁନ୍ଦର ହେଉ କବିର ଦୃଷ୍ଟି ସଭାବ କରୁ ବର୍ଷଣ,
ସୁନ୍ଦର ହେଉ ଶିଷ୍ୟ ସାଧନା ସାଧୁର ଆତ୍ମ ଦର୍ଶନ,
ସୁନ୍ଦର ହେଉ ବସୁନ୍ଧରାରେ ଗୋ-ମାତାର ସୁଖ ବର୍ଦ୍ଧନ,
ସତ ଶିବ ଶୁଭ ସୁନ୍ଦର ସୁରେ ଶୁଭୁ ସଦା ବିଭୁ କୀର୍ତ୍ତନ ।।

ଆଶ୍ରମ ଶାନ୍ତିଧାମ, ଶାନ୍ତିପୁର
ଧଣ୍ଡାମୁଣ୍ଡା, ବଲାଙ୍ଗୀର
ଚଳଭାଷା - ୭୩୨୮୮୯୦୬୧୧

# ବସନ୍ତ



ଡ଼. ସ୍ମିତା ମିଶ୍ର

ବସନ୍ତ, ତୁମେ ମନେ ହୁଏ ମୋତେ
ଦୂର ସାଗରର ପୋତଟେ ପରି,
ବସନ୍ତ, ତୁମେ ଲାଗୁଅଛ ମୋତେ
ପରତେ ନଯିବା ସତଟେ ପରି।
ବସନ୍ତ, ତୁମେ ଆସିଛ ଯେପରି
ଅତି ଅଭିଳାତ ଅତିଥି ପରି,
ବସନ୍ତ, ତୁମେ ହସୁଛ ଯେପରି
ହସର ପସରା ଯାଇଛି ସରି।
ବସନ୍ତ, ତୁମେ ପାତର ଅନ୍ତର
ଦେଖି ଦେଖି ଗଲା ଜୀବନ ସରି,
ବସନ୍ତ, ତୁମ ଅଚିହ୍ନା ନୟନ
ଦେଖିଦେଲେ ମନ ଯାଉଛି ମରି।
ବସନ୍ତ, ତୁମେ ଲାଗୁଅଛ ମୋତେ
ଚିହ୍ନି ନପାରିବା ମିତଟେ ପରି,
ବସନ୍ତ, ତୁମେ ମନେ ହୁଏ ସତେ
ଚାଦର ନଘୋଡ଼ା 'ଶିତ'ଟେ ପରି।
ବସନ୍ତ, ତୁମେ କହିଥିଲ ଦିନେ
ଅପେକ୍ଷା କରଗୋ ଆସିବି ମୁହିଁ,
ଆକୁଳ ନୟନ ଦେଖୁଛି ସପନ
ଋତୁ ବିତିଯାଏ ବସନ୍ତ କାହିଁ......।
ବସନ୍ତ, ଏଠି ଅନେକ ଅପେକ୍ଷା
ତୁମରି ପରଶ ପାଇବା ପାଇଁ,
ରଙ୍ଗ ଚମକାଇ ମଧୁ ବରଷାଇ
ବହିଯାଅ ପ୍ରତି ପ୍ରାଣକୁ ଛୁଇଁ।

ପୂର୍ବତନ ଅଧକ୍ଷା
ରାଧାନାଥ ଉଚ୍ଚତର ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ
୮୨୪୯୫୩୩୬୮୫



ଶରୀରର ଦାସତ୍ୱ ବନ୍ଧନରୁ ମୁକ୍ତ ହେବା ସହଜ, କିନ୍ତୁ ମନର ଦାସତ୍ୱ ବନ୍ଧନରୁ ମୁକ୍ତ ହେବା ସହଜ ନୁହେଁ। - ହମ୍ବୋଲଟ

# ଜର୍ମାନୀର ହକି ବିଶ୍ୱକପ ବିଜୟ



ଆଶିଷ କୁମାର ରାୟ



୨୦୨୩ର ହକି ବିଶ୍ୱକପ ଯେତେବେଳେ ଆରମ୍ଭ ହେଲା, ସେତେବେଳେ ବୋଧହୁଏ ଅନେକେ ଜର୍ମାନୀର ଚାମ୍ପିଆନ ହେବା ଆଶା ରଖି ନଥିବେ। ପ୍ରକୃତରେ ଦେଖିବାକୁ ଗଲେ ବେଲଜିୟମ ଓ ଅଷ୍ଟ୍ରେଲିଆ ଦଳ ହିଁ ସମ୍ଭାବ୍ୟ ବିଜେତା ସୂଚୀରେ ଥିଲେ ପ୍ରଥମ ଦୁଇଟି ସ୍ଥାନରେ। ୨୦୨୧ରେ ଆୟୋଜିତ ଟୋକିଓ ଅଲିମ୍ପିକ୍ ହକି ପ୍ରତିଯୋଗିତାର ଫାଇନାଲ ଖେଳାଯାଇଥିଲା ଏହି ଦୁଇଦଳଙ୍କ ମଧ୍ୟରେ ଏବଂ ସେଥିରେ ବେଲଜିୟମର ଖେଳାଳିମାନେ ଅଷ୍ଟ୍ରେଲିଆକୁ ଟାଇବ୍ରେକରରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିନେଇଥିଲେ। ସେହିଭଳି ବେଲଜିୟମ ଦଳ ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଗତ ବିଶ୍ୱକପର ଫାଇନାଲରେ ନେଦରଲାଣ୍ଡସକୁ ଟାଇବ୍ରେକରରେ ହରାଇ ବିଜୟୀ ହେବା ସହିତ ୨୦୨୦-୨୧ର ପ୍ରୋ ହକି ଲିଗ୍‌ରେ ମଧ୍ୟ ଚାମ୍ପିଆନ ହୋଇଥିଲା। ଅଷ୍ଟ୍ରେଲିଆ ଦଳ ଅଲିମ୍ପିକ ବ୍ୟତୀତ ୨୦୨୦-୨୧ର ପ୍ରୋ ହକି ଲିଗ୍‌ରେ ଉପବିଜେତା ହୋଇଥିବା ବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଏହି ଦୁଇଦଳ ବ୍ୟତୀତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ନେଦରଲାଣ୍ଡସ୍ ୨୦୨୧-୨୨ର ପ୍ରୋ ହକି ଲିଗ୍‌ରେ ଚାମ୍ପିଆନ ଆଖ୍ୟା ଅର୍ଜନ କରି ଏଥର ବିଶ୍ୱକପ ହାସଲ ପାଇଁ ଅନ୍ୟତମ ଦାବିଦାର ଭାବେ ସାମନାକୁ ଆସିଥିଲା।

ଅନ୍ୟଦିଗରେ ଜର୍ମାନୀ ଦଳ ବେଶ ଶକ୍ତିଶାଳୀ ଥିଲେ ହେଁ ଗତ ଟୋକିଓ ଅଲିମ୍ପିକରେ ଏହା ଭାରତଠାରୁ ପ୍ଲେ-ଅଫ୍ ମ୍ୟାଚରେ ପରାଜିତ ହୋଇ ରହିଥିଲା ଚତୁର୍ଥ ସ୍ଥାନରେ। ସେହିଭଳି ୨୦୨୧-୨୨ର ପ୍ରୋ ହକି ଲିଗ୍‌ରେ ମଧ୍ୟ ଜର୍ମାନ ଦଳକୁ ମିଳିଥିଲା ଚତୁର୍ଥ ସ୍ଥାନ। ସେହି ଦୃଷ୍ଟିରୁ ଜାନୁଆରୀ ୨୯ ତାରିଖ ସନ୍ଧ୍ୟାରେ କଳିଙ୍ଗ ହକି ଷ୍ଟାଡିୟମରେ ଖେଳାଯାଇଥିବା ୨୦୨୩ ପୁରୁଷ ହକି ବିଶ୍ୱକପର ଫାଇନାଲରେ ବେଲଜିୟମକୁ ପରାସ୍ତ କରି ଜର୍ମାନୀ ବିଜୟୀ ହେବା ତଥା ତୃତୀୟ ଥର ସକାଶେ ହକି ବିଶ୍ୱକପ ଟ୍ରଫି ହାସଲ କରିବା ନିଶ୍ଚିତ ଭାବେ ଥିଲା ଏକ ବଡ଼ ଘଟଣା। ୨୦୦୨ରେ କୁଆଲାଲମପୁର ଏବଂ ୨୦୦୬ରେ ନିଜ ଦେଶର ମୋଂଚେନଗ୍ଲାଡବାକ୍‌ରେ ଆୟୋଜିତ କ୍ରମାଗତ ଦୁଇଟି ବିଶ୍ୱକପରେ ଜର୍ମାନୀ ଚାମ୍ପିଆନ ହୋଇଥିଲା। ସୁତରାଂ ଦୀର୍ଘ ୧୭ବର୍ଷ ପରେ ଜର୍ମାନୀ ପୁନର୍ବାର ହକି ବିଶ୍ୱକପରେ ବିଜୟୀ ହେବା ସେ ଦେଶର କ୍ରୀଡ଼ାନୁରାଗୀଙ୍କ ପାଇଁ ଥିଲା ଆନନ୍ଦର ବିଷୟ। ଏତଦ୍‌ବ୍ୟତୀତ ଯେଉଁଭଳି ଢଙ୍ଗରେ ଜର୍ମାନୀ ଦଳ କ୍ରମାଗତ ତିନିଟି ମ୍ୟାଚରେ ୦-୨ ଗୋଲରେ ପଛୁଆ ଥାଇ ବିଜୟୀ ହେଲା ତାହା ନିଶ୍ଚିତ ଭାବେ ଅବିଶ୍ୱସନୀୟ ଘଟଣା।

ଏଥର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିବା ଜର୍ମାନୀ ଓ ବେଲଜିୟମ ଉଭୟ ଦଳ ପ୍ରଥମ ରାଉଣ୍ଡରେ ଥିଲେ ଗୋଟିଏ ଗ୍ରୁପ୍‌ରେ। ଗ୍ରୁପ୍ ପର୍ଯ୍ୟାୟରେ ମାଟ୍ସ ଗ୍ରାମବୁଶ୍‌ଙ୍କ ନେତୃତ୍ୱରେ ଜର୍ମାନୀ ଦଳ ଜାପାନକୁ ୩-୦ରେ ଏବଂ କୋରିଆକୁ ୭-୨ରେ ପରାସ୍ତ କରିଥିବା ବେଳେ ବେଲଜିୟମ ସହିତ ମ୍ୟାଚ ୨-୨ରେ ଅମୀମାଂସିତ ରହିଥିଲା। ତେବେ ଉନ୍ନତ ଗୋଲ ବ୍ୟବଧାନ ଯୋଗୁଁ ବେଲଜିୟମ ନିଜ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ସ୍ଥଳେ ଦ୍ୱିତୀୟ ସ୍ଥାନରେ ରହିଥିବା ଦୃଷ୍ଟିରୁ ଜର୍ମାନୀ ଦଳକୁ କ୍ରସ ଓଭର ମ୍ୟାଚ ଖେଳିବାକୁ ପଡ଼ିଥିଲା। ଏହି ମ୍ୟାଚରେ ଜର୍ମାନୀ ଅକ୍ଳେଶରେ ୫-୧ ଗୋଲରେ ଫ୍ରାନ୍ସକୁ ହରାଇ କ୍ୱାର୍ଟର ଫାଇନାଲକୁ ଆସିଲା।

ଏହିଠାରୁ ହିଁ ଜର୍ମାନ ଦଳ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଲା। ଏହାର କ୍ୱାର୍ଟର ଫାଇନାଲ ମ୍ୟାଚ ଥିଲା ଇଂଲାଣ୍ଡ ସହିତ। ଡେଭିଡ୍ ଆମେସଙ୍କ ନେତୃତ୍ୱରେ ଇଂଲାଣ୍ଡର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ ସମାପ୍ତ ହେବାର ଦୁଇମିନିଟ ବାକି ଥିବା ବେଳକୁ ୨-୦ରେ ଅଗ୍ରଣୀ ଲାଭ କରିଥିଲେ। ମ୍ୟାଚରେ ଜର୍ମାନୀର ପରାଜୟ ଥିଲା ଆସନ୍ନ। କିନ୍ତୁ ଗୋଟିଏ ମିନିଟ ବ୍ୟବଧାନରେ ଏହି ଦଳର ଅଧିନାୟକ ମାଟ୍ସ ଗ୍ରାମବୁଶ୍ ଏବଂ ତାଙ୍କ ସାନଭାଇ ଟମ୍ ଗ୍ରାମବୁଶ୍ ଦୁଇଟି ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ନେଇଆସିଲେ। ଏହାପରେ ଟାଇବ୍ରେକର ପେନାଲଟୀରେ ୪-୩ରେ ବିଜୟୀ ହୋଇ ସେମାନେ ଚାଲିଆସିଲେ ସେମିଫାଇନାଲକୁ। ଅନ୍ୟ କ୍ୱାର୍ଟର ଫାଇନାଲ ମ୍ୟାଚମାନଙ୍କରେ ଅଷ୍ଟ୍ରେଲିଆ ୪-୩ରେ ସ୍ପେନକୁ, ବେଲଜିୟମ ୨-୦ରେ




ନ୍ୟୁଜିଲାଣ୍ଡକୁ ଏବଂ ନେଦରଲାଣ୍ଡସ୍ ୫-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଆସିଥିଲେ ସେମି ଫାଇନାଲକୁ ।

ଜର୍ମାନୀର ସେମି ଫାଇନାଲ ମୁକାବିଲା ଥିଲା ଅଷ୍ଟ୍ରେଲିଆ ସହିତ । ଏଥିରେ ମଧ୍ୟ ସେମାନେ ମଧ୍ୟାନ୍ତର ସୁଦ୍ଧା ଦୁଇଗୋଲରେ ପଛୁଆ ଥିଲେ । ତେବେ ମଧ୍ୟନ୍ତର ପରେ ଘନ ଘନ ଆକ୍ରମଣ ଜର୍ମାନ ଦଳ କ୍ରମାଗତ ଭାବେ ପେନାଲଟୀ କର୍ନର ହାସଲ କରିବାକୁ ଲାଗିଲା ଏବଂ ଏହି ଦଳ ପାଇଁ ଖେଳୁଥିବା ଆର୍ଜେଣ୍ଟିନାର ପୂର୍ବତନ ଖେଳାଳି ଗୋଞ୍ଜାଲୋ ପେୟା ତିନୋଟି ଗୋଲ ଦେଇ ମ୍ୟାଚକୁ ରୋମାଞ୍ଚକର କରିଦେଲେ । ମ୍ୟାଚ ୩-୩ ଗୋଲର ସମାନ ସ୍ଥିତିରେ ଥିବା ବେଳେ ଖେଳ ସମାପ୍ତିର ଛଅ ସେକେଣ୍ଡ ପୂର୍ବରୁ ନିକଲାସ୍ ୱେଲେନ୍ ଚମତ୍କାର ଗୋଲଟିଏ କରି ଜର୍ମାନୀକୁ ବିଜୟୀ କଲେ । ବେଲଜିୟମ ଓ ନେଦରଲାଣ୍ଡସ୍ ମଧ୍ୟରେ ଖେଳାଯାଇଥିବା ଅନ୍ୟ ସେମି ଫାଇନାଲଟି ୨-୨ରେ ସମାନ ସ୍ଥିତିରେ ରହିବା ପରେ ଟାଇବ୍ରେକର ପେନାଲଟୀରେ ବିଜୟୀ ହୋଇ ବେଲଜିୟମ ଆସିଥିଲା ଫାଇନାଲକୁ ।

ଫାଇନାଲ ମୁକାବିଲା ମଧ୍ୟ କିଛି କମ ଚିତ୍ତାକର୍ଷକ ନଥିଲା । ଏଥର ମଧ୍ୟ ଜର୍ମାନୀ ଦଳ ୦-୨ରେ ପଛୁଆ ଥିଲା ଏବଂ ତାହା ପୁଣି ପ୍ରଥମ କ୍ୱାର୍ଟର ସୁଦ୍ଧା । ଏହାପରେ କିନ୍ତୁ ଜର୍ମାନ ଦଳ ନିକଲାସ୍ ୱେଲେନ୍, ଗୋଞ୍ଜାଲୋ ପେୟା ଏବଂ ମାଟ୍ସ ଗ୍ରମବୁଶଙ୍କ ଗୋଲ ବଳରେ ୩-୨ରେ ଅଗ୍ରଣୀ ଲାଭ କଲା । ତେବେ ଅନ୍ତିମ ମୁହୂର୍ତ୍ତରେ ବେଲଜିୟମର ଟମ୍ ବୁନ୍‌ଙ୍କ ଗୋଲ ମ୍ୟାଚକୁ ସମାନ ସ୍ତରକୁ ନେଇଆସିଲା । ସୁତରାଂ ମ୍ୟାଚର ପରିଣାମ ନିମନ୍ତେ ଟାଇବ୍ରେକରର ସହାୟତା ନେବାକୁ ପଡ଼ିଲା ଏବଂ ଏଥିରେ ମଧ୍ୟ ସ୍କୋର ୩-୩ରେ ସମାନ ରହିଲା । ପରିଶେଷରେ ଥାଏସ୍ ପ୍ରିନସ୍‌ଙ୍କ ସଡନ୍ ଡେଥ୍ ପେନାଲଟୀ ଗୋଲରେ ଜିଣି ଜର୍ମାନୀ ହେଲା ଚାମ୍ପିଆନ । ଜର୍ମାନ ଦଳ ତୃତୀୟ ଥର ସକାଶେ ହକି ବିଶ୍ୱକପ ବିଜୟୀ ହୋଇଥିବା ସ୍ଥଳେ ଫେଲିକ୍ସ ଡେନାୟରଙ୍କ ନେତୃତ୍ୱରେ ଖେଳୁଥିବା ବେଲଜିୟମ ଦଳର କ୍ରମାଗତ ଦ୍ୱିତୀୟଥର ସକାଶେ ବିଶ୍ୱକପ ବିଜୟ ଆଶା ଧୂଳିସାତ ହୋଇଗଲା ।

ଫାଇନାଲ ମ୍ୟାଚ ପୂର୍ବରୁ ତୃତୀୟ ସ୍ଥାନ ସକାଶେ ଖେଳାଯାଇଥିବା ମ୍ୟାଚରେ ଅଧିନାୟକ ଥିଏରୀ ବ୍ରିଙ୍କମାନଙ୍କ ଦୁଇଟି ଗୋଲ ଓ ୟିପ ୟାନସେନ୍‌ଙ୍କ ଗୋଟିଏ ଗୋଲ ଦ୍ୱାରା ନେଦରଲାଣ୍ଡସ୍ ୩-୧ରେ ଏଡି ଓକେନଡେନ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳକୁ ହରାଇ ବ୍ରୋଞ୍ଜପଦକ ଜିଣିନେଲା । ଏଠାରେ ଭାରତର ପ୍ରଦର୍ଶନ ବାବଦରେ ମଧ୍ୟ କିଞ୍ଚିତ ଆଲୋଚନା କରିବା ନିହାତି ଆବଶ୍ୟକ । ଜର୍ମାନୀ ଦଳ କ୍ରମାଗତ ତିନିଟି ମ୍ୟାଚରେ ଦୁଇ ଗୋଲରେ ପଛୁଆ ଥାଇ ପରିଶେଷରେ ବିଜୟୀ ହୋଇଥିବା ବେଳେ ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ରସ ଓଭର ମ୍ୟାଚରେ ୨-୦ରେ ଆଗୁଆ ଥାଇ ମଧ୍ୟ ପରାଜିତ ହେବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ । ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ ଭାରତର ରକ୍ଷଣଭାଗ ଉପରେ ପ୍ରବଳ ଚାପ ସୃଷ୍ଟି କରି ମ୍ୟାଚକୁ ୩-୩ରେ ସମାପ୍ତ କରିବା ପରେ ସଡନ୍ ଡେଥ୍‌ରେ ବିଜୟୀ ହୋଇ ଆମ ଦେଶର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଦେଲେ । ଏଥି ସହିତ ଓଡ଼ିଶା ସରକାରଙ୍କ ଦ୍ୱାରା ଏତେ ଆଡ଼ମ୍ବରପୂର୍ଣ୍ଣ ହକି ବିଶ୍ୱକପ ଆୟୋଜନ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଯୋଗୁଁ ଫିକା ପଡ଼ିଗଲା ।

ମୋ - ୯୪୩୭୬୨୭୫୧୪

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଆପଣଙ୍କ ଶିଶୁ ଓ ଟିଭି ଦେଖିବା :** ଯଦି ଆପଣଙ୍କ ଶିଶୁ ଦୈନିକ ୨ ଘଣ୍ଟାରୁ ଅଧିକ ସମୟ ଟିଭି ଦେଖୁଛି, ତେବେ ଜାଣି ରଖନ୍ତୁ ଏହା ତା'ର ଶବ୍ଦ ଜ୍ଞାନ ତଥା ଗଣିତ ସମାଧାନ ଦକ୍ଷତାକୁ ହ୍ରାସ କରିବ। ୟୁନିଭର୍ସିଟି ଅଫ୍ ମଂଟ୍ରିଲର ପ୍ରଫେସର ଲିଣ୍ଡା ପାଗାନୀଙ୍କ ନେତୃତ୍ୱରେ ୯୯୧ ଜଣ ବାଳିକା ଓ ୧୦୦୬ ଜଣ ବାଳକଙ୍କୁ ନେଇ ହୋଇଥିବା ଏକ ପରୀକ୍ଷଣରୁ ଜଣା ପଡିଛି ଯେ ୨୯ ମାସରୁ ଉର୍ଦ୍ଧ୍ୱ ବୟସର ଶିଶୁଟିଏ ଯଦି ଦିନକୁ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଟିଭି ଦେଖେ ତେବେ ତା'ର ଶବ୍ଦ ଜ୍ଞାନ ତଥା ଗଣିତ ସମାଧାନ କ୍ଷମତା ହ୍ରାସ ପାଏ। ଏପରି ଶିଶୁ ବିଦ୍ୟାଳୟ ଯିବାକୁ ମନ କରନ୍ତି ନାହିଁ ଓ ଏକ ପ୍ରକାର ସାଇକୋ ସୋସିଆଲ ଡିଜଅର୍ଡର ଯୋଗୁଁ ସହପାଠୀଙ୍କ ସହିତ ମିଶି ପାରନ୍ତି ନାହିଁ। 'ଆମେରିକାନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ' ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ୨ ଘଣ୍ଟାରୁ ଅଧିକ ପ୍ରତ୍ୟେକ ଘଣ୍ଟା ପାଇଁ ଏହାର ନେଗେଟିଭ୍ ପ୍ରଭାବ ବହୁ ଗୁଣିତ ହୋଇଥାଏ। ପିତାମାତା ତଥା ଅଭିଭାବକ ମାନଙ୍କ ପାଇଁ ଏହା ଏକ ଚେତାବନୀ ଅଟେ।



**ଆଗ୍ନେୟଗିରୀ ବା ଭଲକାନୋ :** ଏହା ରୋମାନ ଭାଷା ଭଲକାନରୁ ଆସିଛି ଯାହାର ଅର୍ଥ ଅଗ୍ନି ରୁପକ ଭଗବାନ। ସାଧାରଣତଃ ପୃଥିବୀର ଟେକ୍ଟୋନିକ ପ୍ଲେଟ୍ସମାନଙ୍କ ମିଶ୍ରଣ ସ୍ଥଳରେ ଏମାନଙ୍କୁ ଦେଖିବାକୁ ମିଳେ। କେବଳ ତାନୁହଁ ଭୂଗର୍ଭସ୍ଥ ବଡ ବଡ ଉତ୍ତପ୍ତ ପାହାଡର ଶୀର୍ଷଦେଶ ଅର୍ଥାତ ମେଂଟଲ ପ୍ଲୁମ୍ସ ଅଂଚଳରେ ବି ଭଲକାନୋ ସବୁ ଦେଖାଯାଏ। ସକ୍ରିୟ ଥିବା ଆଗ୍ନେୟଗିରୀ ପାର୍ଶ୍ୱସ୍ଥ ବିପଜ୍ଜନକ ଅଂଚଳରେ ପ୍ରାୟ ୩୫୦ ମିଲିଅନ ଲୋକ ବାସ କରିଥାନ୍ତି। ଯେତେବେଳେ ଅତ୍ୟନ୍ତ ଉଚ୍ଚ ତାପ ଓ ଚାପରେ ତରଳ ଲାଭା ଭୂପୃଷ୍ଠକୁ ଚାଲି ଆସେ ତାକୁ ଆମେ ଉଦଗୀରଣ କହୁ। ବେଳେବେଳେ ଏହା ଅତ୍ୟନ୍ତ ଉଚ୍ଚ ଶବ୍ଦ ସହିତ ବହୁଉଚ୍ଚକୁ ନିକ୍ଷେପିତ ହେଲାବେଳେ ଆଉ କେତେକ କ୍ଷେତ୍ରରେ ନିରବରେ ତରଳ ଲାଭା ବହିର୍ଭାଗରେ ବୋହି ଯାଇଥାଏ। ଏହି ଅଂଚଳଗୁଡିକ ସେହି ଆଗ୍ନେୟଗିରୀ ନିସୃତ ଜମାଟ ବାନ୍ଧିଥିବା ଲାଭା, ପାଉଁଶ ଓ ଅନ୍ୟାନ୍ୟ ପଦାର୍ଥରୁ ସୃଷ୍ଟି ହୋଇଥାଏ। ଏମାନଙ୍କୁ ୩ ଭାଗରେ ବିଭକ୍ତ କରାଯାଏ। ଏହା ସକ୍ରିୟ, ସୁପ୍ତ ବା ମୃତ ହୋଇପାରେ। ନିକଟ ଅତୀତରେ ଉଦଗୀରଣ ହୋଇଥିବା କିମ୍ବା ସମ୍ଭାବନା ଥିବା ଆଗ୍ନେୟଗିରୀକୁ ଜୀବନ୍ତ କିମ୍ବା ସକ୍ରିୟ ବୋଲି କୁହାଯାଏ, ସୁପ୍ତ ର ଲକ୍ଷଣ ହେଲା ନିକଟରେ ଏଥିରୁ ଲାଭା ବାହାରି ନଥିଲା କିନ୍ତୁ ଏହାର ମାନେ ନୁହଁ ଯେ ଏଥିରୁ ଆଉ ଉଦଗୀରଣ ହେବ ନାହିଁ କିନ୍ତୁ ମୃତର ଅର୍ଥ ହେଲା ସେଥିରୁ କେବେବି ଆଉ ଉଦଗୀରଣ ହେବ ନାହିଁ। ଏହାର ତରଳ ଉଦଗୀରଣକୁ ଲାଭା କୁହାଯାଉଥିବାବେଳେ ଭୂଗର୍ଭରେ ରହି ଯାଉଥିବା କଠିନ ପଦାର୍ଥକୁ ମାଗମା କୁହାଯାଏ। ଏଥିରୁ ବିଷାକ୍ତ ବାଷ୍ପ ବି ନିର୍ଗତ ହୋଇଥାଏ। ମାଗମା ଭୂପୃଷ୍ଠକୁ ସେହି ସମୟରେ ଆସେ ଯେତେବେଳେ ଟେକ୍ଟୋନିକ ପ୍ଲେଟ ସବୁ ଧିରେ ଧିରେ ପରସ୍ପରଠୁ ଦୁରେଇ ଯାଆନ୍ତି। ତାର ବିପରୀତ ଅର୍ଥାତ ଯଦି ଏହି ପ୍ଲେଟ ଗୁଡିକ ନିକଟତର ହୁଅନ୍ତି ତେବେ ମଧ୍ୟ ମାଗମା ସବୁ ଉପରକୁ ଚାଲି ଆସନ୍ତି।



କରାଣ ଏହି ପ୍ରକ୍ରିୟା ଫଳରେ ଭୂଗର୍ଭର କିଛି ଅଂଶ ତଳକୁ ଚାପି ହୋଇ ଚାଲିଯାଏ କିନ୍ତୁ ଅତ୍ୟଧିକ ଚାପ ଓ ତାପ ଯୋଗୁଁ ଏହା ତରଳି ମାଗମା ଆକାରରେ ବାହାରକୁ ଚାଲି ଆସେ। ତୃତୀୟ କାରଣ ହେଲା ପୃଥିବୀର ଗର୍ଭରେ କେତେକ ଉତ୍ତପ୍ତ ସ୍ଥାନ ଥାଏ ଯେଉଁଠି ଉଚ୍ଚ ତାମରେ ମାଗମାର ସାନ୍ଦ୍ରତା ହ୍ରାସ ପାଏ ଏବଂ ଏହା ଉପରକୁ ଚାଲିଆସେ।

**ଅକ୍ସିଟୋସିନ୍ :** ଏହା ଏକ ପ୍ରକାର ମାମାଲିଆନ ନ୍ୟୁରୋ ହାଇପୋଫିସିଆଲ ହରମୋନ ଯାହା ପିଟୁଇଟାରୀ ଗ୍ରନ୍ଥୀର ପଛଭାଗରୁ ନିର୍ଗତ ହୋଇଥାଏ। ଏହା ମସ୍ତିଷ୍କରେ ଏକ ନ୍ୟୁରୋ ମଡୁଲେଟର ଭାବେ ମସ୍ତିଷ୍କରେ କାର୍ଯ୍ୟ କରେ।ଏହାକୁ ଲଭ୍ ହରମୋନ ମଧ୍ୟ କୁହାଯାଏ। କାରଣ ସାମାଜିକ ବନ୍ଧନକୁ ବଜାୟ ରଖିବା, ମାତୃତ୍ୱ ସ୍ନେହ ଓ ବନ୍ଧୁତା ସ୍ଥାପନରେ ଏହି ହରମୋନ ଏକ ପ୍ରମୁଖ ଭୂମିକା

ଗ୍ରହଣ କରେ। ୟୁନିଭର୍ସିଟି ଅଫ୍ ଏଡିଲେଡ ର ବୈଜ୍ଞାନିକ ଡ, ଫେମକେ ବୁଇସମେନ ଓ ଫିଲମେନଙ୍କ ମତରେ ବାଲ୍ୟକାଳରେ ଅକ୍ସିଟୋସିନର ଅଭାବ ହେଲେ



ପରବର୍ତ୍ତୀ ଜୀବନରେ ଏପରି ବ୍ୟକ୍ତିମାନେ ମଦ୍ୟପାନ ସହିତ ଅନ୍ୟ ନିଶାର ଶୀକାର ହୋଇଥାଆନ୍ତି। ଛୋଟ ଶିଶୁଟିଏ ଜନ୍ମ ହେଲାବେଳେ ଯଥେଷ୍ଟ ପରିମାଣର ଅକ୍ସିଟୋସିନର ଉପସ୍ଥିତି ଯୋଗୁଁ ନିଜ ମାତାକୁ ନିବିଡ ଭାବେ ଭଲ ପାଇଥାଏ। କିନ୍ତୁ ୩ ବର୍ଷ ଉର୍ଦ୍ଧ୍ୱରୁ ଯାଇ ଏହା ଶରୀର ମଧ୍ୟରେ ତିଆରି ହୋଇଥାଏ। ତେବେ ଏହାର ତିଆରି ଜିନୀୟ, ଲିଙ୍ଗ ଓ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ। ଗବେଷକଙ୍କ ମତରେ ଯଦି ଅକ୍ସିଟୋସିନ ରିଲିଜ ସିଷ୍ଟମ ଠିକ ଭାବେ କାର୍ଯ୍ୟ ନକରେ ତେବେ ଭବିଷ୍ୟତ ଜୀବନ ପାଇଁ ଏହା ଦୁଃଖଦାୟକ ହୋଇପାରେ। ଶିଶୁଟିଏ ଜନ୍ମ ହେଲାବେଳେ କିମ୍ବା ପରେ ଯେତେବେଳେ ମାଆଁର ଜରାୟୁ ଗ୍ରୀବା ପ୍ରସାରିତ ହୁଏ ସେତେବେଳେ ଏହା ଯଥେଷ୍ଟ ମାତ୍ରାରେ ତିଆରି ହୋଇଥାଏ ଯଦ୍ଦ୍ୱାରା ଶିଶୁଟି ମାତୃତ୍ୱ ପ୍ରେମକୁ ବୁଝିପାରେ ,ଏହାର ପ୍ରଭାବରେ ମାତୃସ୍ତନ ଉଦବେଳିତ ହୁଏ ଶିଶୁକୁ ସ୍ତନ୍ୟପାନ ପାଇଁ। ଯଦି ଏହାର ଅଭାବ ଘଟେ ତେବେ ପ୍ରସବ ବେଳେ ଅସୁବିଧା ହୋଇପାରେ ,ସନ୍ତାନ ଓ ମାତା ମଧ୍ୟରେ ସଂପର୍କରେ ଶିଥିଳତା ଦେଖା ଦେଇପାରେ କିମ୍ବା ଏ କ୍ଷେତ୍ରରେ ଉଭୟ ମାଁ ଓ ଶିଶୁ ଗୁରୁତର ସଂକ୍ରମଣର ଶୀକାର ହୋଇ ପାରନ୍ତି।

**ଆମରି ସ୍ୱାସ୍ଥ୍ୟ - କ୍ରାୟୋଆବ୍ଲାସନ ଥେରାପି :** କର୍କଟ ରୋଗର ନାମ ଶୁଣିଲେ ମନରେ ଛନକା ପଶିଯାଏ। ୨୦୧୮ରେ ହୋଇଥିବା ସର୍ଭେରୁ ଜଣାଯାଏ ଯେ ଭାରତରେ ବର୍ଷକୁ ପ୍ରାୟ ୧,୬୨,୪୬୮ ଜଣ ସ୍ତନ କର୍କଟ ରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ୮୭,୦୯୦ ଜଣ ମୃତ୍ୟୁମୁଖରେ ପଡିଥା'ନ୍ତି। ଭାରତୀୟ ମହିଳା ମାନଙ୍କ ମଧ୍ୟରୁ ୫୦%, ୩ୟ ଓ ୪ର୍ଥ ସୋପାନରେ ହିଁ ଡାକ୍ତରଙ୍କ ପାଖକୁ ଆସିଥା'ନ୍ତି। ବେଙ୍ଗାଲୁରୁର ଆଷ୍ଟର ଆରଭି ହସପିଟାଲର ଡାକ୍ତର ବିଜୟ ଅଗ୍ରୱାଲଙ୍କ ମତରେ ଯଦି ଏହି ରୋଗ ହେବାର ପ୍ରାଥମିକ ଅବସ୍ଥାରେ ଡାକ୍ତରଙ୍କ ପରାମର୍ଶ ନିଆଯାଆନ୍ତା, ତେବେ ଉପରୋକ୍ତ ଥେରାପି ଯାହାର ଅର୍ଥ ଥଣ୍ଡା ଚିକିତ୍ସା, ତା'ର ସହାୟତା ନିଆଯାଇପାରନ୍ତା। ତାଙ୍କ ମତରେ ସ୍ତନ ଓ ଜରାୟୁ ଗ୍ରୀବା କର୍କଟ ପାଇଁ ଏହା ଉପଯୁକ୍ତ ଓ କେବଳ ଏକ ନିର୍ଦ୍ଦିଷ୍ଟ ସ୍ଥାନର କର୍କଟ କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ଆମେରିକା, ଜାପାନ ଓ ଅନେକ ୟୁରୋପୀୟ ଦେଶ ମାନଙ୍କରେ ଏହି ଚିକିତ୍ସା ର ସୁଫଳ ମିଳି ସାରିଛି।

ଏହି ପ୍ରକ୍ରିୟାରେ ଏକ ଫମ୍ପା ଛୁଂଚିକୁ ତରଳ ନାଇଟ୍ରୋଜେନ ଥିବା ମେସିନ ସହ ସଂଯୁକ୍ତ କରାଯାଏ, ଯାହା -୧୭୦ ଡିଗ୍ରୀ ସେଲସିଅସ ବା -୨୭୪ ଫାରେନହିଟ ତାପମାତ୍ରାରେ ରହିଥାଏ। ଯେତେବେଳେ ଛୁଂଚିଟିକୁ ପ୍ରଭାବିତ ସ୍ଥାନରେ ଫୋଡି ଦିଆଯାଏ ସେହି ସମୟରେ ପ୍ରଭାବିତ କୋଷ ଚାରିପଟେ ବରଫର ଏକ ବଳୟ ସୃଷ୍ଟି ହୁଏ। ଅତ୍ୟଧିକ ଥଣ୍ଡା ଯୋଗୁଁ ଏହି କୋଷ ବା ତନ୍ତୁ ଗୁଡିକ ମୃତ୍ୟୁ ବରଣ କରି ଶରୀର ମଧ୍ୟରେ ମିଶିଯାଆନ୍ତି। ଏହି ପ୍ରଣାଳୀରେ ଶିଶୁମାନଙ୍କ ଚକ୍ଷୁରେ ହୋଇଥିବା ଛୋଟ ଆକାରର କ୍ୟାନ୍ସର କିମ୍ବା ଚର୍ମ କର୍କଟ ଏବଂ ପ୍ରୋଷ୍ଟେଟ କ୍ୟାନ୍ସରର ଚିକିତ୍ସା ମଧ୍ୟ ସମ୍ଭବ। ଆମେରିକାର ଫୁଡ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ବିଭାଗ ଏହି ପ୍ରଣାଳୀକୁ କିଡନି, ଲିଭର ଓ ଅନ୍ୟାନ୍ୟ ଅଙ୍ଗର ଚିକିତ୍ସା ନିମନ୍ତେ ଅନୁମତି ପ୍ରଦାନ କରି ସାରିଲେଣି। ନିକଟରେ ରୁଷିଆ ଓ ତାଇୱାନ ମଧ୍ୟ ଏହାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଭାରତରେ ମିନିମାଲି ଇନଭେସିଭ କ୍ରାୟୋଆବ୍ଲେସନ କୌଶଳକୁ ଲାଇସେନ୍ସ ପ୍ରଦାନ



କରାଯାଇଛି। ପିଜିଆଇ ଚଣ୍ଡିଗଡରେ ଏହି କୌଶଳକୁ ପ୍ରୋଷ୍ଟେଟ, ବୋନ ,ଲିଭର ଓ କିଡନି କର୍କଟର ଉପଚାର ପାଇଁ ପ୍ରୟୋଗ କରାଯାଉଛି। ଏହି ଚିକିତ୍ସା ସ୍ଥାନୀୟ ନିଶ୍ଚେତକ ପ୍ରୟୋଗ ତଥା ବିନା ହସ୍ପିଟାଲରେ ଭର୍ତ୍ତି ହୋଇ କରା ଯାଇପାରେ ଏବଂ ଏଥିରେ ପ୍ରଭାବିତ ସ୍ଥାନର ଆକାର ଓ ରଙ୍ଗରେ କିଛି ପରିବର୍ତ୍ତନ ଦେଖା ଯାଏନାହିଁ। ଏହାର ଅନ୍ୟ ଦିଗଟି ହେଲା ଏହା ଅତ୍ୟନ୍ତ ବ୍ୟୟବହୁଳ ଅଟେ ଅନୁମାନ କରନ୍ତୁ ଥରେ ଏହାର ପ୍ରୟୋଗ କରାଗଲେ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏବଂ କେତେକ କ୍ଷେତ୍ରରେ ସେନି ସ୍ଥାନଟି ବଧୀର ହୋଇଯିବା, ନାଲି ପଡିଯିବା କୁଣ୍ଡାଇ ହେବା କିମ୍ବା କଣ୍ଟା ଫୋଡି ହେଲା ଭଳି ଅନୁଭୂତି ଚିକିତ୍ସିତ ବ୍ୟକ୍ତିମାନେ ଅଭିଯୋଗ କରିଥାନ୍ତି।

ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)
ଏନ ଏ ସି ମହାବିଦ୍ୟାଳୟ, ବୁର୍ଲା



ମନୁଷ୍ୟ ଭିତରେ ଧର୍ମଭାବ ଜାଗ୍ରତ ହୋଇଛି ବୋଲି ଜଣା ପଡ଼ିଯାଏ, ଯଦି ତାହାର ମନ ତ୍ୟାଗ ଆଡ଼କୁ ଢ଼ଳୁଥାଏ। - ହେନେରୀ

ଡ଼ାକଟିକଟରୁ ଜ୍ଞାନ




# ବୀରଚନ୍ଦ ରାଘବଜୀ ଗାନ୍ଧୀ



ଡ. ଭବାନୀଶଙ୍କର ଦାଶ

ଭାରତରେ ଜନ୍ମିତ ଅନେକ ମହାନ୍ ବ୍ୟକ୍ତିମାନଙ୍କ ମଧ୍ୟରେ ବୀରଚନ୍ଦ ରାଘବଜୀ ଗାନ୍ଧୀ ଜଣେ ଜୈନ ପଣ୍ଡିତ, ସମାଜ ସଂସ୍କାରକ ରୂପେ ପରିଚିତ। ସେ ୨୫ ଅଗଷ୍ଟ ୧୮୬୪ରେ ଗୁଜୁରାଟର ମହୁଆଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ ରାଘବ ତେଜପାଲ ଗାନ୍ଧୀ। ସେ ଭାବନଗରଠାରେ ନିଜର ପ୍ରାଥମିକ ଓ ଉଚ୍ଚ ଶିକ୍ଷା ସମାପ୍ତ କରିଥିଲେ। ବମ୍ବେର ଏଲ୍‌ଫାଇନଷ୍ଟୋନ କଲେଜରୁ ସେ ଗ୍ରାଜୁଏଟ୍ ହୋଇଥିଲେ। ଲଣ୍ଡନରୁ ସେ ବାରିଷ୍ଟର ହୋଇଥିଲେ। ପ୍ରାୟ ୧୪ଟି ଭାଷାରେ ସେ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ବିଶେଷକରି ଜୈନ ଦର୍ଶନ ଶିକ୍ଷା ଉପରେ ତାଙ୍କର ପାଣ୍ଡତ୍ୟ ଥିଲା। ଏହା ସହିତ ସେ ବୌଦ୍ଧଧର୍ମ, ବେଦାନ୍ତ, ଖ୍ରୀଷ୍ଟଧର୍ମ, ପାଶ୍ଚାତ୍ୟ ଦର୍ଶନ ଉପରେ ଅଧ୍ୟୟନ କରିଥିଲେ। ୨୧ ବର୍ଷ ବୟସରେ ସେ ଭାରତର ଜୈନ ସଂଘର ସମ୍ପାଦକ ହୋଇପାରିଥିଲେ। ସେ ପଶୁହତ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ଜୈନ ତୀର୍ଥଯାତ୍ରୀଙ୍କ ଉପରେ ଲାଗୁଥିବା ଟିକସକୁ ବନ୍ଦ କରିଥିଲେ।

ଜଣେ ଦେଶପ୍ରେମୀ ଭାବେ ସେ ୧୮୯୭ରେ ଭାରତରେ ହୋଇଥିବା ଦୁର୍ଭିକ୍ଷରେ ୪୦,୦୦୦ ଟଙ୍କା ସାହାଯ୍ୟ କରିଥିଲେ ଓ ଆମେରିକାରୁ ଏକ ଜାହାଜରେ ଖାଦ୍ୟଶସ୍ୟ ଭାରତକୁ ଆଣିଥିଲେ। ୧୮୯୩ରେ ଚିକାଗୋ ବିଶ୍ୱ ଧର୍ମ ସମ୍ମିଳନୀରେ ସେ ଜୈନ ଧର୍ମରୁ ପ୍ରତିନିଧିତ୍ୱ କରିଥିଲେ। ସେ ଭାରତୀୟ ସଂସ୍କୃତି, ଦର୍ଶନକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିଥିଲେ। ସେ ୫୩୫ଟି ଭାଷଣ ମାଧ୍ୟମରେ ଧନ, ସାମାଜିକ ଜୀବନ, ଆଧ୍ୟାତ୍ମିକତା ଓ ସ୍ୱାଧୀନତା ବିଷୟରେ ଦର୍ଶାଇଥିଲେ।

ସେ ବିଦେଶରେ ଅନେକ ସମାଜ, ସଂଗଠନ ପ୍ରତିଷ୍ଠା କରିଥିଲେ। ଚିକାଗୋରେ 'The Society for the Education of Women in India' ପ୍ରତିଷ୍ଠା କରିଥିଲେ। ସେ ୧୮୯୫ ରେ ଭାରତୀୟ ଜାତୀୟ କଂଗ୍ରେସ ପୁନା ଅଧିବେଶନରେ ମୁମ୍ବାଇରୁ ପ୍ରତିନିଧିତ୍ୱ କରିଥିଲେ। ଏସିଆରୁ ୧୮୯୯ରେ ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀରେ ପ୍ରତିନିଧିତ୍ୱ କରିଥିଲେ। ସେ ଜୈନ ଦର୍ଶନ, ଯୋଗ, କର୍ମ, ଷଡ଼ ଦର୍ଶନ, ଖ୍ରୀଷ୍ଟଧର୍ମ ଉପରେ ଅନେକ ପୁସ୍ତକ ଲେଖିଛନ୍ତି। ଅହିଂସା, ସାର୍ବଜନୀନ ପ୍ରେମକୁ ବିଶ୍ୱରେ ସେ ପ୍ରଚାର କରିଥିଲେ। ମାତ୍ର ୩୭ ବର୍ଷ ବୟସରେ ସେ ୬ ଅଗଷ୍ଟ ୧୯୦୧ ରେ ମହୁଆର ଠାରେ ମୃତ୍ୟୁବରଣ କରିଥିଲେ। ଭାରତୀୟ ଡ଼ାକ ତରଫରୁ ତାଙ୍କ ସ୍ମୃତିରେ ୮.୧୧.୨୦୦୯ରେ ଏକ ୫ଟଙ୍କିଆ ଡ଼ାକଟିକଟ ଉନ୍ମୋଚନ କରିଥିଲେ।

ଜେକେପୁର,ରାୟଗଡ଼ା
୯୧୨୪୩୪୬୫୪୭






କୁସଂସ୍କାର ବିରୁଦ୍ଧରେ ଯେଉଁମାନେ ସ୍ୱର ଉତ୍ତୋଳନ କରନ୍ତି,ସମୟେ ସମୟେ ଅଲକ୍ଷ୍ୟରେ ସେହିମାନେ ହିଁ ତାହାର ବଶବର୍ତ୍ତୀ ହୋଇଯାଆନ୍ତି - ସିଲ୍‌ଡେନ

# ସମ୍ବାଦ ବିଚିତ୍ରା

୦୧. ଚାଇନାର ଜାତୀୟ ପରିସଂଖ୍ୟାନ ବ୍ୟୁରୋ (ନ୍ୟାଶନାଲ ଷ୍ଟାଟିଷ୍ଟିକ୍ସ ବ୍ୟୁରୋ) ଅନୁଯାୟୀ, ଚାଇନାର ବାର୍ଷିକ ଜିଡିପି ଅଭିବୃଦ୍ଧି (ମୋଟ୍ ଘରୋଇ ଉତ୍ପାଦର ଅଭିବୃଦ୍ଧି) ୩ ପ୍ରତିଶତକୁ ଖସି ଆସିଛି।

୦୨. ଗଣତନ୍ତ୍ର ଦିବସ ଅବସରରେ ଦେଶର ପ୍ରଥମ ନାଜାଲ କୋଭିଡ ଟିକା ଇନକୋଭାକକୁ ଲଞ୍ଚ କରାଯାଇଛି । ଏହି ଟିକା ନାକରେ ଦିଆଯିବ ।

୦୩. କ୍ରିସ ହିପକିନ୍ସ ନ୍ୟୁଜିଲାଣ୍ଡର ନୂତନ ୪୧ ତମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି।

୦୪. ଓଡିଶା ରାଜ୍ୟର ଦାବି ଅନୁସାରେ କେନ୍ଦ୍ର ପିଏମ ଆବାସ ଘର ଦେଲେ ନାହିଁ। ୧୫ ଲକ୍ଷ ଘର ଆବଶ୍ୟକ। ମାତ୍ର ୮ ଲକ୍ଷ ଘର ଦେଲେ।

୦୫. ୨୦୨୩ ପାଇଁ ରାଷ୍ଟ୍ରପତି ପୋଲିସ ମେଡାଲ ଘୋଷଣା କରାଯାଇଛି । ୯୦୧ ପୋଲିସ କର୍ମଚାରୀଙ୍କୁ ମିଳିବ ରାଷ୍ଟ୍ରପତି ପୋଲିସ ପଦକ। ୧୪୦ଜଣଙ୍କୁ ମିଳିବ ସାହସିକତା ପୁରସ୍କାର । ୯୩ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ମିଳିବ । ସେହିପରି ୬୬୮ ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପୁରସ୍କାର ମିଳିବ ।

୦୬. ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଟର କାର୍ଡ ସହିତ ଆଧାର ସଂଯୋଗରେ ରାଜ୍ୟସ୍ତରରେ ନବରଙ୍ଗପୁର ଜିଲା ପ୍ରଥମ ହେବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଉତ୍ତମ ପାରଦର୍ଶିତା ଲାଭ କରିଛି। ରାଜ୍ୟ ନିର୍ବାଚନ ଅୟୋଗ ପକ୍ଷରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡଃ.କମଳ ଲୋଚନ ମିଶ୍ରଙ୍କୁ ସମ୍ମାନୀତ କରାଯାଇଛି।

୦୭. ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡ୍‌ମା)କୁ ଜାତୀୟ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ପାଇଁ ଚୟନ କରାଯାଇଛି ।

୦୮. ଚଳିତ ବର୍ଷ ଜୁନ୍‌ମାସ ସୁଦ୍ଧା ଓଡିଶା ରାଜ୍ୟର ୨୨ଟି ଜିଲ୍ଲାରେ ୫୫ଟି ନୂଆ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ଏବେ ଦୁଇ ଗୁଣା ବୃଦ୍ଧି କରାଯାଇଛି। ତେବେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ଆଉ ୧୦୦ଟି ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

୦୯. କେରଳର ତ୍ରିସୁର ଜିଲାରେ ଥିବା ଭଗବାନ ଶ୍ରୀକୃଷ୍ଣ ଗୁରୁବାୟୁରପନ୍ନ ନାମରେ ପରିଚିତ। ଏହି ମନ୍ଦିରରେ ୨୬୦ କିଲୋରୁ ଅଧିକ ସୁନା ଗଚ୍ଛିତ ରହିଛି। ଏହି ସୁନା ଅଳଙ୍କାର ମଧ୍ୟରେ ରହିଛି ମୂଲ୍ୟବାନ ହୀରା, ଲୀଲା ଓ ରତ୍ନ ପଥର। ଏହା ସହିତ ୨୦ହଜାର ସୁନା ଲକେଟ।

୧୦. ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ 'ଡାକୋଟା ବିମାନ' ମାର୍ଚ୍ଚ ୫ରୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେବ।

୧୧. କଟକ ଏସସିବି ମେଡିକାଲରେ ହେଲା ବିରଳ ଅସ୍ତ୍ରୋପଚାର । ଅସ୍ତ୍ରୋପଚାର କରି ଜଣେ ଯୁବକଙ୍କ କଟି ଯାଇଥିବା ଡାହାଣ ହାତ ବୁଢ଼ା ଅଙ୍ଗୁଳିରେ ତାଙ୍କର ବାମ ଗୋଡ଼ର ଦ୍ୱିତୀୟ ଅଙ୍ଗୁଳି ପ୍ରତିରୋପଣ କରାଯାଇଛି । ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗ କରି ଦେଖାଇଛି ସଫଳ ଅସ୍ତ୍ରୋପଚାର ।

୧୨. ସାରା ଦେଶରେ ଉତ୍ପାଦନ ହେଉଥିବା କ୍ରୋମାଇଟର ଶତ ପ୍ରତିଶତ ଓଡ଼ିଶାରୁ ଆସୁଛି। ଦେଶର ୭୫ ପ୍ରତିଶତ ବକ୍ସାଇଟ,୫୦ ପ୍ରତିଶତ ଲୁହାପଥର ଓ ୨୫ ପ୍ରତିଶତ କୋଇଲା ଓଡିଶାରୁ ହିଁ ଉତ୍ପାଦନ ହେଉଛି।

୧୩. ଦେଶରେ ଏବେ ୮ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରୁଛି। ୧୫ ଅଗଷ୍ଟ, ୨୦୨୩ ସୁଦ୍ଧା ଦେଶରେ ୭୫ ଟି ଟ୍ରେନ୍? ଚଳାଚଳ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି।

୧୪. ବିବାହ ବନ୍ଧନରେ ବାନ୍ଧି ହେବେ ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟ । ବିଶିଷ୍ଟ ଉଦ୍ୟୋଗପତି ତଥା ରିଲାଏନ୍ସ ମୁଖ୍ୟ ମୁକେଶ ଏବଂ ନୀତା ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ସହ ଶିଲା ଓ ବିରେନ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକାଙ୍କ ପାରମ୍ପରିକ ରୀତିନୀତିରେ ନିର୍ବନ୍ଧ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି।

୧୫. ବିମାନବନ୍ଦର ଘରୋଇକରଣ ଜାରି ରହିବ। ଆଗାମୀ ଦିନରେ ଆଉ ୧୨ଟି ବିମାନବନ୍ଦରର ଘରୋଇକରଣ କରିବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ସେହି ତାଲିକାରେ ରାୟପୁର, ଜୟପୁର, ବିଜୟୱାଡା, କୋଲକାତା ଓ ଇନ୍ଦୋର ନାମ ରହିଛି।

୧୬. ଅକ୍ସଫାମର ରିପୋର୍ଟ ଅନୁଯାୟୀ, ଭାରତର ୨୧ ଧନ କୁବେରଙ୍କ ପାଖରେ ଗଦାଗଦା ଧନ ରହିଛି। ସେମାନଙ୍କ ପାଖରେ ଦେଶର ୭୦ କୋଟି ଲୋକଙ୍କ ତୁଳନାରେ ଅଧିକ ସମ୍ପତ୍ତି ଅଛି।

# ସାଧାରଣ ଜ୍ଞାନ

## ABBREVIATION

1. JPC - Joint Parliamentary Committee
2. OSNA - Odisha Sangeet Natak Akademi
3. BSKY - Biju Swasthya Kalyan Yojana
4. MUKTA - Mukhyamantri Karma Tatpara Abhiyan
5. KIMS - Kalinga Institute of Medical Sciences
6. NHRC - National Human Rights Commission
7. NDPP - Nationalist Democratic Progressive Party
8. FPO - Follow-on Public Offer
9. FMCG - Fast Moving Consumer Goods
10. CRILC - Central Repository of Information on Large Credits

## ପୁସ୍ତକ

| | | |
|---|---|---|
| ୧. କବତା କଲ୍ଲୋଳ | - | ଗଙ୍ଗାଧର ମେହେର |
| ୨. କବିତା କଳାପ | - | ଗୋବିନ୍ଦ ରଥ |
| ୩. ଗୋବର ଗୋଟେଇ | - | ଚକ୍ରଧର ମହାପାତ୍ର |
| ୪. ନୀଳକଣ୍ଠ ଚଉତିଶା | - | ହରିଶଙ୍କର ଭଞ୍ଜ |
| ୫. ବିମଳା | - | ଶରତଚନ୍ଦ୍ର ବୋଷ |

1.The Poverty Of Political Economy: How Economics Abandoned the Poor - Meghnad Desai
2.COACHING BEYOND: My Days with the Indian Cricket Team - R. Kaushik & R. Sridhar.
3.Revolutionaries - The Other Story of How India Won Its Freedom - Sanjeev Sanyal
4.Braving A Viral Storm: India's Covid-19 Vaccine Story - Aashish Chandorkar.
5.Roller Coaster : An Affair with Banking - Tamal Bandyopadhyay

## ସମ୍ମାନ/ପୁରସ୍କାର

### ପଦ୍ମ ବିଭୂଷଣ ୨୦୨୩

| | | |
|---|---|---|
| ୧. ଶ୍ରୀ ବାଲକ୍ରିଷ୍ଣା ଦୋସି (ମରଣୋତ୍ତର) | ସ୍ଥାପତ୍ୟ | ଗୁଜୁରାଟ |
| ୨. ଶ୍ରୀ ଦିଲୀପ ମହଲାନାବିସ୍ (ମରଣୋତ୍ତର) | ଚିକିତ୍ସା | ପଶ୍ଚିମବଙ୍ଗ |
| ୩. ମୁଲାୟମ ସିଂ ଯାଦବ (ମରଣୋତ୍ତର) | ଜନସମ୍ପର୍କ | ଉତ୍ତରପ୍ରଦେଶ |
| ୪. ଶ୍ରୀ ଜାକିର ହୁସେନ୍ | କଳା | ମହାରାଷ୍ଟ୍ର |
| ୫. ଶ୍ରୀ ଏସ.ଏମ. କୃଷ୍ଣ | ଜନସମ୍ପର୍କ | କର୍ଣ୍ଣାଟକ |
| ୬. ଶ୍ରୀ ଶ୍ରୀନିବାସ ବାରାଦାନ | ବିଜ୍ଞାନ ଏବଂ ଇଞ୍ଜିନିୟରିଂ | ଯୁକ୍ତରାଷ୍ଟ୍ର |

### ପଦ୍ମ ଭୂଷଣ ୨୦୨୩

| | | |
|---|---|---|
| ୧. ଶ୍ରୀ ଏସ୍.ଏଲ୍. ଭୀରପ୍ପା | ସାହିତ୍ୟ ଏବଂ ଶିକ୍ଷା | କର୍ଣ୍ଣାଟକ |
| ୨. ଶ୍ରୀ କୁମାର ମଙ୍ଗଲମ୍ ବିର୍ଲା | ବାଣିଜ୍ୟ ଏବଂ ଶିଳ୍ପ | ମହାରାଷ୍ଟ୍ର |
| ୩. ଶ୍ରୀ ଦୀପକ ଧର | ବିଜ୍ଞାନ ଏବଂ ଇଞ୍ଜିନିୟରିଂ | ମହାରାଷ୍ଟ୍ର |
| ୪. ଶ୍ରୀମତୀ ଭାନି ଜୟରାମ | କଳା | ତାମିଲନାଡୁ |
| ୫. ସ୍ୱାମୀ ଚିନ୍ନା ଜିଆର୍ | ଆଧ୍ୟାତ୍ମିକତା | ତେଲେଙ୍ଗାନା |
| ୬. ଶ୍ରୀମତୀ ସୁମନ କଲ୍ୟାଣପୁର | କଳା | ମହାରାଷ୍ଟ୍ର |
| ୭. ଶ୍ରୀ କପିଲ କପୁର | ସାହିତ୍ୟ ଏବଂ ଶିକ୍ଷା | ଦିଲ୍ଲୀ |
| ୮. ଶ୍ରୀମତୀ ସୁଧା ମୁର୍ତ୍ତି | ସାମାଜିକ କାର୍ଯ୍ୟ | କର୍ଣ୍ଣାଟକ |
| ୯. ଶ୍ରୀ କମଲେଶ ଡି. ପଟେଲ | ଆଧ୍ୟାତ୍ମିକତା | ତେଲେଙ୍ଗାନା |

## ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - ପଞ୍ଜାବ |
| ୨. ରାଜ୍ୟପାଳ | - ବନୱାରୀଲାଲ ପୁରୋହିତ |
| ୩. ମୁଖ୍ୟମନ୍ତ୍ରୀ | - ଭଗୱନ୍ତ ମାନ |
| ୪. ଗଠନ | - ୧ନଭେମ୍ବର ୧୯୬୬ |
| ୫. କ୍ଷେତ୍ରଫଳ | - ୫୦,୩୬୨ ବର୍ଗ.କିମି |
| ୬. ରାଜଧାନୀ | - ଚଣ୍ଡିଗଡ |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୧୩ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | - ୭ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | - ୧୧୭ |
| ୧୦.ବିଧାନ ପରିଷଦ | - ୦୦ |
| ୧୧.ମୁଖ୍ୟ ଭାଷା | - ପଞ୍ଜାବି |
| ୧୨. ଜନସଂଖ୍ୟା ସମୁଦାୟ | - ୨୭,୭୦୪,୨୩୬ (୨୦୧୧) |
| | ପୁରୁଷ - ୧୪,୬୩୪,୮୧୯ |
| | ମହିଳା - ୧.୦୬୯,୪୧୭ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୧୩.୭୩% |
| ୧୪.ଜନସଂଖ୍ୟା ଘନତ୍ୱ | - ୫୫୦ |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୮୯୩ ଝିଅ / ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | - ୮୪୬ ମହିଳା / ୧୦୦୦ ପୁରୁଷ |
| ୧୭. ସାକ୍ଷରତା ହାର | - ୭୬.୬୮% |
| | ପୁରୁଷ - ୮୧.୪୮% |
| | ମହିଳା - ୭୧.୩୪% |
| ୧୮. ଜିଲ୍ଲା | - ୨୨ |
| ୧୯. ଗ୍ରାମ | - ୧୨,୨୭୮ |
| ୨୦.ସହର | - ୧୫୭ |
| ୨୧.ଜଙ୍ଗଲ ଜମି | - ୩,୦୫୮ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - ଗୋଲଡ଼େନ ମନ୍ଦିର, ଦୁର୍ଗିଆନା ଓ ଜାଲିଆନାୱାଲାବାଗ, ଅମ୍ରିତ୍ସର, ଆନନ୍ଦପୁର ସାହିବ, ଭକ୍ର ଡ୍ୟାମ୍, ସୋଢ଼ାଲ ମନ୍ଦିର |

## ନିଯୁକ୍ତି

| | |
|---|---|
| ୧. ପ୍ରବୀଣ ଶର୍ମା | - ନିର୍ଦ୍ଦେଶକ, ନ୍ୟାସନାଲ ହେଲ୍ଥ ଅଥରିଟି |
| ୨. ବିକ୍ରମ ଦେବ ଦର | - ଡି.ଜି., ଡିଜିସିଏ |
| ୩. ସମ୍ଭଲ ଭାଇ ପଟେଲ | - ଅଧ୍ୟକ୍ଷ, ଅମୁଲ |
| ୪. ନରେଶ ଲାଲୱାନି | - ଜେନେରାଲ ମ୍ୟାନେଜର, ସେଣ୍ଟ୍ରାଲ ରେଲୱେ |



ବସୁଧା ମାତା ବା କୃଷିଠାରୁ ମନୁଷ୍ୟ ଯେତେବେଳେ ଦୂରେଇଯାଏ, ନାନା ସମସ୍ୟା ଆସି ସେ ସମାଜର ଶତ୍ରୁ ହୋଇଯାଏ। - ହେନେରୀ

## ଓଡ଼ିଶା

୧.୧୯୯୫ ମସିହା କେତେ ତାରିଖରେ ଓଡ଼ିଶାକୁ ତିନୋଟି ରାଜସ୍ୱ ବିଭାଗରେ ବିଭକ୍ତ କରାଯାଇଛି ?

(କ)ଅଗଷ୍ଟ ୩୦ (ଖ)ଅକ୍ଟୋବର ୩୦

(ଗ)ଏପ୍ରିଲ୍ ୧୦ (ଘ)ଜୁଲାଇ ୮

୨.ଓଡ଼ିଶାର ଆୟତନ ଦୃଷ୍ଟିକୋଣରୁ ବୃହତ୍ତମ ଜିଲ୍ଲାର ନାମ କ'ଣ ?

(କ)ଗଞ୍ଜାମ (ଖ)କେନ୍ଦ୍ରାପଡ଼ା

(ଗ)ମୟୁରଭଞ୍ଜ (ଘ)କଟକ

୩.ଓଡ଼ିଶାର ବୃହତ୍ତମ ବନ୍ଦର ନାମ କ'ଣ ?

(କ)ଧାମରା (ଖ)ଗୋପାଳପୁର

(ଗ)ମହେନ୍ଦ୍ରଗିରି (ଘ)ପାରାଦ୍ୱୀପ

୪.ଓଡ଼ିଶାର ବୃହତ୍ତମ ପର୍ବତର ନାମ କ'ଣ ?

(କ)ବରୁଣେଇ (ଖ)ମହେନ୍ଦ୍ରଗିରି (ଗ)ଦେଓମାଳି (ଘ)କପିଳାସ

୫.ଓଡ଼ିଶାର ଦୀର୍ଘତମ ନଦୀର ନାମ କ'ଣ ?

(କ)ମହାନଦୀ (ଖ)କାବେରୀ (ଗ)ବ୍ରହ୍ମପୁତ୍ର (ଘ)ଋଷିକୁଲ୍ୟା

୬.ହୀରାକୁଦ ଓଡ଼ିଶାର ଦୀର୍ଘତମ ନଦୀବନ୍ଧ କେଉଁ ଜିଲ୍ଲାରେ ଅବସ୍ଥିତ ?

(କ)ଖୋର୍ଦ୍ଧା (ଖ) ସମ୍ବଲପୁର

(ଗ)ଜଗତସିଂହପୁର (ଘ) କଟକ

୭.ଓଡ଼ିଶାର ପ୍ରଥମ ବିଧାନ ସଭା ବାଚସ୍ପତିଙ୍କ ନାମ କ'ଣ ?

(କ)ମୁକୁନ୍ଦ ପ୍ରସାଦ ଦାସ (ଖ)ନନ୍ଦକିଶୋର ଦାସ

(ଗ)ହରେକୃଷ୍ଣ ମହତାବ (ଘ)ମଧୁସୂଦନ ଦାସ

୮.ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?

(କ)ନନ୍ଦିନୀ ସତପଥୀ (ଖ)ସାରଳା ଦେବୀ

(ଗ)ସରସ୍ୱତୀ ହେମ୍ବ୍ରମ୍ (ଘ)ଜୟନ୍ତୀ ପଟ୍ଟନାୟକ

୯.କିଏ ସତ୍ୟବାଦୀ ଯୁଗର ପଞ୍ଚସଖା ନୁହନ୍ତି ?

(କ)ଗୋଦାବରୀଶ (ଖ)ଗୋପବନ୍ଧୁ (ଗ) କୃପାସିନ୍ଧୁ (ଘ)ଅନନ୍ତ

୧୦.କିଏ ସଙ୍ଗୀତଶିଳ୍ପୀ ନୁହନ୍ତି ?

(କ)ସଂଯୁକ୍ତା ପ୍ରାଣିଗ୍ରାହୀ (ଖ)ଅକ୍ଷୟ ମହାନ୍ତି

(ଗ)ପ୍ରଫୁଲ୍ଲ କର (ଘ)ଚିତ୍ତଜେନା

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ

୧୨୬, ୯୮, ୭୦, ୪୧,୧୪

(କ)୧୨୬ (ଖ)୭୦ (ଗ)୪୧ (ଘ)୧୪

୨. ୫ : ୨୭ : : ୯ : .... ?

(କ)୮୩ (ଖ)୮୧ (ଗ)୩୬ (ଘ)୧୮

୩. ଗୋଟିଏ ଧାଡ଼ିର ଶ୍ରୀନାଥର ଯାଗା ବାମ ଆଡୁ ସପ୍ତମ। ଭେଙ୍କଟର ଯାଗା ଡାହାଣ ଆଡୁ ୧୨ । ଯଦି ସେମାନେ ପରସ୍ପର ଯାଗା ବଦଳାନ୍ତି ଶ୍ରୀନାଥର ଯାଗା ବଦଳିଯାଇ ବାମ ଆଡୁ ୨୨ ତମ ହୋଇଯିବ। ତେବେ ସେ ଧାଡ଼ିରେ କେତେଜଣ ପିଲା ଥିଲେ ?

(କ)୧୯ (ଖ)୩୧ (ଗ)୩୩ (ଘ)୩୪

୪. ଶୂନ୍ୟସ୍ଥାନ ପୂରଣ କର ?

a_b_a_ _n_bb_ abbn

(କ)abnabb (ଖ)bnbban (ଗ)bnbbna (ଘ)babban

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

| | | |
|---|---|---|
| ୫ | ୯ | ୧୫ |
| ୧୬ | ୨୯ | ? |
| ୪୯ | ୮୯ | ୧୪୭ |

(କ)୪୫ (ଖ)୪୮ (ଗ)୫୧ (ଘ)୫୪

୬. M ହେଉଛି P ର ପୁଅ। Q ହେଉଛି O ର ଅଣ ନାତୁଣୀ। O ହେଉଛି P ର ସ୍ୱାମୀ। ତେବେ M , O ର ସମ୍ବନ୍ଧରେ କ'ଣ ହେବ ?

(କ)ପୁଅ (ଖ)ଝିଅ (ଗ)ବୋଉ (ଘ) ବାପା

୭. ଯଦି SPARK ର କୋଡ TQBSL ହୁଏ, ତେବେ FLAME ର କୋଡ କ'ଣ ହେବ ?

(କ)GMBNF (ଖ)GNBNF (ଗ)GMCND (ଘ)GMBMF

୮. ପରବର୍ତ୍ତୀ ଦୁଇଟି ଅକ୍ଷର କ'ଣ ହେବ ?

B C E H L _ _.

(କ)X Y (ଖ)M N (ଗ)Q W (ଘ)O P

୯. ସାର୍କ, ତିମି, କଇଁଚ ଏହି ଗ୍ରୁପ୍‌କୁ କେଉଁ ଚିତ୍ରଟି ବୁଝାଉଛି।



(କ) (ଖ) (ଗ) (ଘ)

୧୦. ଅର୍ଥାନୁସାରେ ସଜାଅ ?

(୧) Exhaust (୨) Night (୩)Day (୪) Sleep (୫)Work

(କ)୧୩୫୨୪ (ଖ)୩୫୧୪୨ (ଗ)୩୫୧୨୪ (ଘ)୩୫୨୧୪

**ଉତ୍ତର**

**୧.(କ)ଅଗଷ୍ଟ ୩୦, ୨.(ଗ)ମୟୁରଭଞ୍ଜ, ୩.(ଘ)ପାରାଦ୍ୱୀପ, ୪.(ଗ)ଦେଓମାଳି, ୫.(ଘ)ମହାନଦୀ, ୬.(ଖ)ସମ୍ବଲପୁର, ୭.(କ)ମୁକୁନ୍ଦ ପ୍ରସାଦ ଦାସ, ୮.(କ)ନନ୍ଦିନୀ ସତପଥୀ, ୯.(ଘ)ଅନନ୍ତ, ୧୦.(କ)ସଂଯୁକ୍ତା ପ୍ରାଣିଗ୍ରାହୀ**

**୧.(ଗ)୪୧, ୨.(କ)୮୩, ୩.(ଗ)୩୩, ୪.(ଖ)bnbban, ୫.(ଖ)୪୮, ୬.(କ)ପୁଅ, ୭.(କ)GMBNF, ୮.(ଗ)Q W, ୯.(ଗ), ୧୦.(ଗ) ୩୫୧୨୪**



ଭୃତ୍ୟଠାରୁ ଯେଉଁ ଲୋକ ପ୍ରଶଂସା ପାଏ, ସେହି ହେଉଛି ପ୍ରକୃତରେ ଭଲଲୋକ। - ମଣ୍ଟେନ

## ଇତିହାସ

୧.ସିନ୍ଧୁ ସଭ୍ୟତାର କେଉଁ ସ୍ଥାନରେ ବନ୍ଦର ଥିବାର ଅନୁମାନ କରାଯାଏ ?

(କ) କାଲିବାଗାନ (ଖ) ଲୋଥାଲ

(ଗ) ରୋପାର (ଘ) ସତ୍‌କା କୋଲି

୨.ଗାୟତ୍ରୀ ମନ୍ତ୍ର କେଉଁ ଦେବତାଙ୍କ ପାଇଁ ଉଦ୍ଦିଷ୍ଟ ?

(କ)ଇନ୍ଦ୍ର (ଖ)ପଶୁପତି

(ଗ)ସବିତା (ଘ) ବରୁଣ

୩.ଗୌତମବୁଦ୍ଧ କେଉଁଠାରେ ନିର୍ବାଣ (ମହାପରି ନିର୍ବାଣ) ଲାଭ କରିଥିଲେ ?

(କ)ସାରନାଥ (ଖ)କୁଶୀନଗର

(ଗ)ବୋଧଗୟା (ଘ)ଭରୁବିଲ୍ୟ

୪.ବାହାମନି ରାଜ୍ୟର ପ୍ରତିଷ୍ଠାତା କିଏ ?

(କ) ମହମ୍ମଦ ଶାହା (ଖ) ଅହମ୍ମଦ ଶାହା

(ଗ)ପିରୋଜ ଶାହା (ଘ)ଆଲ୍ଲା ଉଦ୍ଦିନ ହାସନ ବାହାମନ ଶାହା

୫.'ଶାହାନାମା'ର ଲେଖକ କିଏ ?

(କ)ଅବୁଲ ଫାଜଲ (ଖ) ଫିରଦୌସି

(ଗ)ଅମୀର ଖୁସ୍ରୁ (ଘ) ଆଲବେରୁଣୀ

୬.ଗାନ୍ଧିଜୀ କାହାକୁ "ଦୀନବନ୍ଧୁ" ବୋଲି ନାମିତ କରିଥିଲେ ?

(କ)ଶ୍ରୀ ଅରବିନ୍ଦ (ଖ)ବିନୋବା ଭାବେ

(ଗ)ମୋତିଲାଲ ନେହୁର (ଘ) ସି.ଏଫ.ଆଣ୍ଡ୍ରୁଜ

୭.'ଇନକିଲାବ ଜିନ୍ଦାବାଦ' ସ୍ଲୋଗାନ କିଏ ଦେଇଥିଲେ ?

(କ)ମହମ୍ମଦ ଇକବାଲ (ଖ) ଚନ୍ଦ୍ରଶେଖର ଆଜାଦ

(ଗ)ସୁଭାଷ ଚନ୍ଦ୍ର ବୋଷ (ଘ) ଭଗତ ସିଂହ

୮.କେଉଁ ଇଉରୋପୀୟ ପ୍ରଥମେ ଭଗବତ ଗୀତାର ଇଂରାଜୀ ଅନୁବାଦ କରିଥିଲେ ?

(କ)କନିଙ୍ଗ ହାମ (ଖ)ଚର୍ଲସ ୱିଲକିନସ

(ଗ) ଉଇଲିଅମ ଜୋନସ (ଘ)ଟି.ବି.ମାକଲେ

୯.ମିଶରର 'ଗିଜାର ବୃହତ୍ତ ପିରାମିଡ' କିଏ ନିର୍ମାଣ କରିଥିଲେ ?

(କ)ଫାରୋ ଖୁଫୁ (ଚିଓପସ୍) (ଖ)ହାମୁରାବି

(ଗ)ତୁତାଙ୍ଖାମେନ (ଘ)କେହିନୁହଁନ୍ତି

୧୦.ରକ୍ତ ଓ ଲୌହ (ବ୍ଲଡ ଆଣ୍ଡ ଆଇରନ) ନୀତି କାହାର ଥିଲା ?

(କ)ନେପାଲିଅନ (ଖ)କାଭୁର

(ଗ)ବିସମାର୍କ (ଘ)ପ୍ରଥମ ଜେମସ୍

## ବାଣିଜ୍ୟ

୧.ଗୁଗୁଲ କମ୍ପାନୀର ସିଇଓ ସୁନ୍ଦର ପିଚାଇ କେତେ କର୍ମଚାରୀଙ୍କୁ ଛଟେଇ ନିଷ୍ପତ୍ତି ନେବା ପାଇଁ ଘୋଷଣା କରିଛନ୍ତି ?

(କ)୧୦,୦୦୦ (ଖ)୧୧,୦୦୦ (ଗ)୧୨,୦୦୦ (ଘ)୧୪,୦୦୦

୨.'ଆପଲ' କମ୍ପାନୀ ଗୋଟିଏ ମାସରେ ଭାରତରୁ ପ୍ରାୟ କେତେ ମୂଲ୍ୟର ସ୍ମାର୍ଟଫୋନ ବିଦେଶକୁ ରପ୍ତାନି କରିଛି ?

(କ)୮୦୦୦ କୋଟି (ଖ)୮୧୦୦ କୋଟି

(ଗ)୮୨୦୦ କୋଟି (ଘ)୮୩୦୦ କୋଟି

୩.ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟ ପ୍ରତି ମିନିଟରେ କେତୋଟି ଶାଢି ବିକ୍ରି କରୁଛି ?

(କ)ଗୋଟିଏ (ଖ)ଦୁଇଟି (ଗ)ତିନୋଟି (ଘ)ଚାରୋଟି

୪.ଆମେରିକା ରିସର୍ଚ୍ଚ ଫାର୍ମ ହିଡେନ ବର୍ଗର ରିପୋର୍ଟ ପରେ ଆଦାନୀ ଗ୍ରୁପ୍ ସେୟାରରେ ୨୦% ହ୍ରାସ ଘଟିବାପରେ ବିଲେନିୟର ସୂଚୀରେ ଆଦାନୀ କେତେ ତମ ସ୍ଥାନକୁ ଖସି ଯାଇଥିଲେ ?

(କ)ପଞ୍ଚମ (ଖ)ଷଷ୍ଠ (ଗ)ସପ୍ତମ (ଘ)ଅଷ୍ଟମ

୫.ଆର୍ଥିକ ମାନ୍ଦାବସ୍ଥାର ଭୟ ନେଇ ଆଇବିଏମ ପରେ ସାପ କେତେ କର୍ମଚାରୀଙ୍କୁ ଛଟେଇ କରିବ ?

(କ)୨୦୦୦ (ଖ)୩୦୦୦ (ଗ)୪୦୦୦ (ଘ)୫୦୦୦

୬.କାର ନିର୍ମାତା ମାରୁତି ସୁଜୁକି କେଉଁଠାରୁ ବାୟୋଗ୍ୟାସ ଉତ୍ପାଦନ କରି ନିଜର ସିଏନ୍‌ଜି ମଡେଲଗୁଡ଼ିକରେ ବ୍ୟବହାର କରିବ ?

(କ)ଖତ (ଖ)ପାଣି (ଗ)ଗୋମୁତ୍ର (ଘ)ଗୋବର

୭.କେଉଁ ନୂଆ କମ୍ପାନୀ ସ୍ମାର୍ଟଫୋନ୍ ବିକ୍ରି କରିବାକୁ ଯୋଜନା ପ୍ରସ୍ତୁତ କରିଛି ?

(କ)କୋକାକୋଲା (ଖ)ବ୍ରିଟାନିଆ (ଗ)ପତଞ୍ଜଳୀ (ଘ)ପେପସି

୮.ହକି ବିଶ୍ୱକପ୍ ଦୃଷ୍ଟିରେ ରଖି ଓୟୋ ଭୁବନେଶ୍ୱର ଏବଂ ରାଉରକେଲାରେ ଥିବା ହୋଟେଲ ଗୁଡ଼ିକର ଭଡ଼ାରେ କେତେ ପ୍ରତିଶତ ଛାଡ଼ କରିଛି ?

(କ)୨୫ % (ଖ)୪୦% (ଗ)୫୦% (ଘ)୫୫%

୯.ରିଲାଏନ୍ସ ରିଟେଲରର ୨୦୨୨-୨୩ ଆର୍ଥିକ ବର୍ଷର ଜାତୀୟ ତ୍ରୟମାସରେ ମୋଟ ୬୭,୬୨୩ କୋଟି ଟଙ୍କାର ରାଜସ୍ୱ ଆୟ ହେବା ସହ କେତେ କୋଟି ନିଟ୍ ଲାଭ ହୋଇଛି ?

(କ)୨୦,୦୦ (ଖ)୨୧,୦୦ (ଗ)୨୨,୦୦ (ଘ)୨୪,୦୦

୧୦.'ଟୁଇଟର ପକ୍ଷୀ' ର ପ୍ରତିମୂର୍ତ୍ତିକୁ କେତେ ଲକ୍ଷ ଡଲାର ବିକ୍ରିକଲା ଟୁଇଟର ?

(କ)୫୦ ହଜାର ଡଲାର (ଖ)୭୫ ହଜାର ଡଲାର

(ଗ)୮୦ ହଜାର ଡଲାର (ଘ)୧ ଲକ୍ଷ ଡଲାର

**ଉତ୍ତର**

**୧.(ଖ)ଲୋଥାଲ୍, ୨.(ଗ)ସବିତା, ୩.(ଖ)କୁଶୀନଗର, ୪. (ଘ)ଆଲ୍ଲା ଉଦ୍ଦିନ ହାସନ ବାହାମନ ଶାହା, ୫.(ଖ)ଫିରଦୌସି, ୬.(ଘ)ସି.ଏଫ.ଆଣ୍ଡ୍ରୁଜ, ୭.(ଘ)ଭଗତ ସିଂହ, ୮.(ଖ)ଚର୍ଲସ ୱିଲକିନସ, ୯.(କ)ଫାରୋ ଖୁଫୁ (ଚିଓପସ୍), ୧୦.(ଗ)ବିସମାର୍କ**

**୧.(ଗ)୧୨,୦୦୦, ୨.(ଖ)୮୧୦୦ କୋଟି, ୩.(କ)ଗୋଟିଏ, ୪.(ଗ)ସପ୍ତମ, ୫.(ଖ)୩୦୦୦, ୬.(ଘ) ଗୋବର, ୭.(କ) କୋକାକୋଲା, ୮.(ଗ)୫୦%, ୯.(ଘ)୨୪,୦୦, ୧୦.(ଘ)୧ ଲକ୍ଷ ଡଲାର**



ଅନ୍ୟମାନଙ୍କ ଅନୁଗ୍ରହରେ ନୁହେଁ - ନିଜ ସାଧନା ବଳରେ ହିଁ ତୁମେ ପ୍ରତିଭାବାନ୍ ହୋଇ ପାରିବ। - ସୋମରେଭିଲେ

## ଅର୍ଥନୀତି

୧. ଫାସଟ୍ୟାଗ୍ ମାଧ୍ୟମରେ ୨୦୨୧ ବର୍ଷ ତୁଳନାରେ ଟୋଲ ସଂଗ୍ରହରେ କେତେ ପ୍ରତିଶତ ବୃଦ୍ଧି ପାଇଛି ?

(କ)୪୦% (ଖ)୪୪% (ଗ)୪୬% (ଘ)୪୮%

୨. ଚୀନର ରାଷ୍ଟ୍ରୀୟ ପରିସଂଖ୍ୟାନ ବ୍ୟୁରୋ ଅନୁସାରେ ବାର୍ଷିକ ଜିଡିପି ବୃଦ୍ଧି କେତେ ପ୍ରତିଶତ ଅଛି ?

(କ)୫ (ଖ)୪ (ଗ)୩ (ଘ)୨

୩. ୟୁଏନ୍‌ର ଅନୁମାନ ୨୦୨୩ ରେ ଭାରତର ଜିଡିପି କେତେ ପ୍ରତିଶତ ରହିବ ?

(କ)୫.୮ (ଖ)୬.୦ (ଗ)୪.୫ (ଘ)୫

୪.ପାକିସ୍ତାନରେ ଏବେ ୨୮.୦୧.୨୩ ରେ ଏକ ଆମେରିକୀୟ ଡଲାର ମୂଲ୍ୟ କେତେ ଟଙ୍କା ଥିଲା ?

(କ)୧୬୨ (ଖ)୨୬୨ (ଗ)୧୫୨ (ଘ)୨୫୨

୫. ଆଦାନୀ ଗ୍ରୁପ ଉପରେ ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରଭାବରେ ଦୁଇ ଦିନରେ ଏଲଆଇସି କେତେ ହଜାର କୋଟି ଟଙ୍କା ହରାଇଛନ୍ତି ?

(କ)୧୬୦୦୦ କୋଟି (ଖ)୧୭୦୦୦ କୋଟି

(ଗ)୧୮୦୦୦ କୋଟି (ଘ)୧୯୦୦୦ କୋଟି

୬. ୨୦୨୩-୨୪ ରେ ସରକାର ଆର୍ଥିକ ନିଅଣ୍ଟ କେତେ ପ୍ରତିଶତ ରଖିବାକୁ ଯୋଜନା କରିଛନ୍ତି ?

(କ)୫% (ଖ)୫.୫% (ଗ)୬% (ଘ)୬.୫%

୭.ଚଳିତ ବର୍ଷର ଜାତୀୟ କ୍ୱାର୍ଟରରେ ଏ ନ୍ ଟି ପିର ପ୍ରଫିଟ ଆଷ୍ଟର ଟ୍ୟାକ୍ସ (ପିଏଟି) ଗତ ବର୍ଷ ତୁଳନାରେ କେତେ ପ୍ରତିଶତ ବଢ଼ିଛି ?

(କ)୫% (ଖ)୫.୪% (ଗ)୫.୮% (ଘ)୫.୯%

୮. ୟୁକୋ ବ୍ୟାଙ୍କର ଡିସେମ୍ବର ମାସ ଶେଷ ସୁଦ୍ଧା ଜାତୀୟ ତ୍ରୟ ମାସରେ ଶତକଡ଼ା କେତେ ପ୍ରତିଶତ ହାର ଲାଭ କରିଛି ?

(କ)୧୦୦% (ଖ)୧୦୫% (ଗ)୧୦୮% (ଘ)୧୧୦%

୯. ବଜେଟ ୨୦୨୩ ଭାରତର ବିକାଶ ଦର କେତେ ପ୍ରତିଶତ ବୃଦ୍ଧି ରହିବ ?

(କ)୭% (ଖ)୬% (ଗ)୬.୮% (ଘ)୭.୮%

୧୦.ୟୁପିଆଇ ଦେଣ ନେଣ ୨୦୧୯ ପରଠାରୁ କେତେ ପ୍ରତିଶତ ବୃଦ୍ଧି ପାଇଛି ?

(କ)୧୧୫% (ଖ)୧୧୬% (ଗ)୧୨୧% (ଘ)୧୧୮%

## କ୍ରୀଡ଼ା

୧. ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୨ର ଟି-୨୦ ବିଶ୍ୱକପରେ ଇଂଲଣ୍ଡ କେଉଁ ଦେଶକୁ ପରାସ୍ତ କରି ଚାମ୍ପିଆନ ହୋଇଛି ?

(କ)ନ୍ୟୁଜିଲାଣ୍ଡ (ଖ)ଭାରତ (ଗ)ଅଷ୍ଟ୍ରେଲିଆ (ଘ)ପାକିସ୍ତାନ

୨. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ରନ କରିଥିଲେ ?

(କ)ବିରାଟ କୋହଲୀ (ଖ)ସୂର୍ଯ୍ୟକୁମାର ଯାଦବ

(ଗ)ଜୋସ୍ ବଟଲର୍ (ଘ)ଅଲେକ୍ସ ହେଲ୍‌ସ

୩. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ୱିକେଟ ନେଇଛନ୍ତି ?

(କ)ବାସ୍ ଡି ଲିଡା (ଖ)ବ୍ଲେସିଙ୍ଗ୍ ମୁଜାରାବନି

(ଗ)ୱାନିନ୍ଦୁ ହସରଙ୍ଗା (ଘ)ଅନରିକ୍ ନୋର୍କିୟା

୪. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ପ୍ଲେୟାର୍ ଅଫ୍ ଦ ସିରିଜ୍ ପୁରସ୍କାର ହାସଲ କରିଛନ୍ତି ?

(କ)ଜୋସ୍ ବଟ୍‌ଲର୍ (ଖ)ସାମ୍ କରନ୍

(ଗ)ସାଦାବ୍ ଖାନ୍ (ଘ)ଡେଭନ୍ କନ୍‌ୱେ

୫. ୨୦୨୨ର ଫିଫା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାରକୁ କେଉଁ ଦଳ ପରାସ୍ତ କରିଥିଲା ।

(କ)ସେନେଗାଲ (ଖ)ଇକ୍ୱେଡର (ଗ)ପୋଲାଣ୍ଡ (ଘ)ଫ୍ରାନସ୍

୬. ୨୦୨୨ର ଫିଫା ବିଶ୍ୱକପରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ କାହାଠାରୁ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇଛି ?

(କ)ଜାପାନ (ଖ)ଘାନା (ଗ)ସାଉଦି ଆରବ (ଘ)ଅଷ୍ଟ୍ରେଲିଆ

୭. ଫୁଟବଲ ବିଶ୍ୱକପର କେଉଁ ପୂର୍ବତନ ଚାମ୍ପିଆନ ଦଳ କାତାରରେ ଅନୁଷ୍ଠିତ ୨୦୨୨ର ଫିଫା ବିଶ୍ୱକପ ସକାଶେ କ୍ୱାଲିଫାଇ କରିନାହିଁ ?

(କ)ହଙ୍ଗେରୀ (ଖ)ଇଟାଲୀ (ଗ)ଉରୁଗୁଏ (ଘ)ଚିଲୀ

୮. ୨୦୨୪ର ଅଲିମ୍ପିକ୍ କ୍ରୀଡ଼ା କେଉଁଠାରେ ଆୟୋଜିତ ହେବ ?

(କ)ବ୍ରିସବେନ୍ (ଖ)ଲଣ୍ଡନ (ଗ)ମାଦ୍ରିଦ (ଘ)ପ୍ୟାରିସ

୯. ଜାନୁଆରୀ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ ହୋଇଥିବା ପୁରୁଷ ହକି ବିଶ୍ୱକପ ଏହି ପ୍ରତିଯୋଗିତାର କେତେତମ ସଂସ୍କରଣ ଅଟେ ?

(କ)୧୩ତମ (ଖ)୧୪ତମ (ଗ)୧୫ତମ (ଘ)୧୬ତମ

୧୦. ଅଗଷ୍ଟ ୨୦୨୩ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ କେଉଁଠାରେ ଖେଳାଯିବ ?

(କ)ବୁଦାପେଷ୍ଟ (ଖ)ଓରେଗନ୍ (ଗ)ଦୋହା (ଘ)ବୁକାରେଷ୍ଟ

### ଉତ୍ତର

**୧.(ଗ)୪୬%, ୨.(ଗ)୩, ୩.(କ)୫.୮, ୪.(ଖ)୨୬୨, ୫.(ଗ)୧୮୦୦୦ କୋଟି, ୬.(ଗ)୬%, ୭.(ଖ)୫.୪%, ୮.(ଘ)୧୧୦%, ୯.(କ)୭% , ୧୦.(ଗ)୧୨୧%**

**୧.(ଘ)ପାକିସ୍ତାନ, ୨.(କ)ବିରାଟ କୋହଲୀ, ୩.(ଗ)ୱାନିନ୍ଦୁ ହସରଙ୍ଗା, ୪.(ଖ)ସାମ୍ କରନ୍, ୫.(ଖ)ଇକ୍ୱେଡର, ୬.(ଗ)ସାଉଦି ଆରବ, ୭.(ଖ)ଇଟାଲୀ, ୮.(ଘ)ପ୍ୟାରିସ, ୯.(ଗ)୧୫ତମ, ୧୦.(କ)ବୁଦାପେଷ୍ଟ**



ମହତ ଲୋକର କାର୍ଯ୍ୟ ମାନବ ଜାତି ପାଇଁ ଆଲୋକ ସ୍ତମ୍ଭରୂପେ କାମ କରେ । - ସାଲ

## ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ନୀଳମଣି ଫୁକନ କେଉଁ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ?
(କ) ମଣିପୁରୀ (ଖ) ବୋଡ଼ୋ (ଗ) ଅହମିଆ (ଘ) ଇଂରାଜୀ

୨. ୨୦୨୨ ପାଇଁ ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ଦାମୋଦର ମାଉଜୋ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?
(କ) କୋଙ୍କଣୀ (ଖ) କନ୍ନଡ଼ (ଗ) ମରାଠୀ (ଘ) ହିନ୍ଦୀ

୩. ଆନ୍ନି ଏର୍ନାଉଙ୍କୁ ମିଶାଇ ଏପର୍ଯ୍ୟନ୍ତ କେତେଜଣ ମହିଳାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିସାରିଲାଣି ?
(କ) ୧୫ଜଣ (ଖ) ୧୬ଜଣ (ଗ) ୧୭ଜଣ (ଘ) ୧୮ଜଣ

୪. ୨୦୨୨ର ବୁକର୍ ପୁରସ୍କାର ଜିଣିଥିବା ଶେହାନ୍ କରୁଣାତିଲକେ କେଉଁ ଦେଶର ନାଗରିକ ?
(କ) ଭାରତ (ଖ) ଶ୍ରୀଲଙ୍କା (ଗ) ମାଲେସିଆ (ଘ) କେନିୟା

୫. ନୋବେଲ ପୁରସ୍କାର ପାଇଥିବା ସ୍ପାନିଶ୍ ଭାଷାର ପ୍ରସିଦ୍ଧ ସାହିତ୍ୟିକ ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?
(କ) ମେକ୍ସିକୋ (ଖ) ବଲିଭିଆ (ଗ) ପେରୁ (ଘ) କଲମ୍ବିଆ

୬. ମାଲକାନଗିରି ଜିଲ୍ଲାରେ ଡ. ସିଦ୍ଧାର୍ଥଙ୍କ ମ୍ୟାଲେରିଆ ନିରାକରଣର କାହାଣୀ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ରର ନାମ କଣ ?
(କ) ଦୃଷ୍ଟିକୋଣ (ଖ) ଦମନ (ଗ) କୁରୁକ୍ଷେତ୍ର (ଘ) ମାୟା ଦର୍ପଣ

୭. ଗୋଆରେ ଆୟୋଜିତ ୫୩ତମ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ରର ନାମ କଣ ?
(କ) ଦୃଷ୍ଟିକୋଣ (ଖ) ଦମନ (ଗ) ପ୍ରତୀକ୍ଷା (ଘ) ପ୍ରତିଜ୍ଞା

୮. ପୂର୍ବେ ପାରସ୍ୟ ବା ଇରାନ ଦେଶରେ ପ୍ରଚଳିତ ପାର୍ସି ଧର୍ମକୁ କିଏ ପ୍ରତିଷ୍ଠା କରିଥିଲେ ?
(କ) ବାହାଉଲ୍ଲାହ (ଖ) କନ୍‌ଫୁସିୟସ୍
(ଗ) ଜୋରାଷ୍ଟର (ଘ) ଗୁଲଗାମିଶ୍

୯. ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ତିରୁଚିରାପଲ୍ଲୀ (ଖ) ତାଞ୍ଜାବୁର
(ଗ) ରାମେଶ୍ୱରମ୍ (ଘ) ତିରୁଅନନ୍ତପୁରମ

୧୦. ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର, ସିଦ୍ଧେଶ୍ୱର, ଭାସ୍କରେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ଖାଜୁରାହୋ (ଖ) ତିରୁଅନନ୍ତପୁରମ
(ଗ) ମହୀଶୂର (ଘ) ଭୁବନେଶ୍ୱର

## ଭୂଗୋଳ

୧. ଧାନଚାଷ ପାଇଁ ଆର୍ଦ୍ରତା କେତେ ଶତକଡ଼ା ଆବଶ୍ୟକ ?
(କ)୫୦ (ଖ)୬୦ (ଗ)୭୦ (ଘ)୮୦

୨. ଓଡ଼ିଶାର କେଉଁଠାରେ ଆଲୁମିନିୟମ୍ କାରଖାନା ଅଛି ?
(କ)ହୀରାକୁଦ (ଖ)ଅନୁଗୁଳ (ଗ)କଳିଙ୍ଗ ନଗର (ଘ)ଢେଙ୍କାନାଳ

୩. ଫୁଲ ଓ ଫଳ ଚାଷକୁ କେଉଁ ବିପ୍ଳବରେ ଗଣାଯାଏ ?
(କ)ନୀଳ ବିପ୍ଳବ (ଖ)ସ୍ୱର୍ଣ୍ଣ ବିପ୍ଳବ
(ଗ)ବୃତ୍ତାକାର, ବିପ୍ଳବ (ଘ)ସବୁଜ ବିପ୍ଳବ

୪. ଆମଦେଶରେ କେଉଁଠାରେ ପ୍ରଥମ ଝୋଟକଳ ସ୍ଥାପିତ ହୋଇଥିଲା ?
(କ)ଧାନମଣ୍ଡଳ (ଖ)ନୂଆଖାଲି (ଗ)ରିସ୍ରା (ଘ)ଭାଟିଣ୍ଡା

୫. ଗହମ ଚାଷ ପାଇଁ ବାର୍ଷିକ କେତେ ସେ.ମି. ବୃଷ୍ଟିପାତ ଆବଶ୍ୟକ ?
(କ)୪୦ ରୁ ୫୦ (ଖ)୬୦ ରୁ ୭୫
(ଗ)୭୦ ରୁ ୮୦ (ଘ)୫୦ ରୁ ୭୫

୬. 'କପା' ଉତ୍ପାଦନରେ ଭାରତ ପୃଥିବୀରେ କେଉଁ ସ୍ଥାନ ଅଧିକାର କରିଛି ?
(କ)ପ୍ରଥମ (ଖ)ଦ୍ୱିତୀୟ (ଗ)ତୃତୀୟ (ଘ)ଚତୁର୍ଥ

୭. 'ଆରବିକା' ଶ୍ରେଣୀର କଫି କେଉଁ ଦେଶରେ ଅଣାଯାଇଛି ?
(କ)ଆମେରିକା (ଖ)ୟେମେନ୍ (ଗ) ମେକ୍ସିକୋ (ଘ)ମିଆଁମାର

୮. କୃଷକମାନଙ୍କ ଉନ୍ନତି ପାଇଁ ଜାତୀୟ ସ୍ତରରେ କେଉଁ ବ୍ୟାଙ୍କ କାମ କରୁଛି ?
(କ)ବ୍ୟବସାୟିକ ବ୍ୟାଙ୍କ (ଖ)ଷ୍ଟେଟ୍ ବ୍ୟାଙ୍କ
(ଗ)ନାବାର୍ଡ଼ (ଘ)ବ୍ୟାଙ୍କ ଅଫ୍ ବରୋଦା

୯. ଚାହା ଚାଷ କେଉଁ କୃଷିରେ ଅନ୍ତର୍ଗତ ?
(କ)ସ୍ଥାନାନ୍ତରିତ କୃଷି (ଖ)ରୋପଣ କୃଷି
(ଗ)ଉଦ୍ୟାନ କୃଷି (ଘ)ଶୁଷ୍କ କୃଷି

୧୦. ଜାତୀୟ ରାଜପଥ ୧୩୦(ଗ) ଛତିଶଗଡ଼ ସୀମାଠାରୁ କେଉଁଯାଏ ଯାଇଛି ?
(କ)ରାଜାମୁଣ୍ଡା (ଖ)ବୌଦ୍ଧ (ଗ)ବୋରିଗୁମ୍ମା (ଘ)ବଳଦିଆମାଳ

**ଉତ୍ତର**

**୧.(ଗ) ଅହମିଆ, ୨.(କ) କୋଙ୍କଣୀ, ୩.(ଗ) ୧୭ଜଣ, ୪.(ଖ) ଶ୍ରୀଲଙ୍କା, ୫.(ଘ) କଲମ୍ବିଆ, ୬.(ଖ) ଦମନ, ୭.(ଗ) ପ୍ରତୀକ୍ଷା, ୮.(ଗ) ଜୋରାଷ୍ଟର, ୯.(ଘ) ତିରୁଅନନ୍ତପୁରମ, ୧୦.(ଘ) ଭୁବନେଶ୍ୱର**

**୧.(ଘ)୮୦, ୨.(ଖ)ଅନୁଗୁଳ, ୩.(ଖ)ସ୍ୱର୍ଣ୍ଣ ବିପ୍ଳବ, ୪.(ଗ)ରିସ୍ରା, ୫.(ଘ)୫୦ ରୁ ୭୫, ୬.(ଗ)ତୃତୀୟ, ୭.(ଖ)ୟେମେନ୍, ୮.(ଗ)ନାବାର୍ଡ଼, ୯.(ଖ)ରୋପଣ କୃଷି, ୧୦.(ଘ)ବଳଦିଆମାଳ**



ଭବିଷ୍ୟତର ବଡ଼ ସୁଯୋଗ ପାଇଁ ଅପେକ୍ଷା ନ କରି ଆଜିର ଛୋଟ ସୁଯୋଗର ସୁବିଧା ନେଇ ଯାଅ। - କାର୍ଲାଇଲ

## ରାଷ୍ଟ୍ର ଶାସନ ବ୍ୟବସ୍ଥା

୧.ଆଇନ ଅମାନ୍ୟ ଆନ୍ଦୋଳନ କେବେ ହୋଇଥିଲା ?

(କ)୧୯୦୯ (ଖ)୧୯୩୦ (ଗ)୧୯୩୫ (ଘ)୧୯୪୭

୨.ରାଷ୍ଟ୍ରର କେଉଁ ଉପାଦାନ ଏହାକୁ ଅନ୍ୟ ସଂଘମାନଙ୍କଠାରୁ ପୃଥକ୍ କରାଏ ?

(କ)ଜନସଂଖ୍ୟା (ଖ)ଭୂଖଣ୍ଡ (ଗ)ସରକାର (ଘ)ସାର୍ବଭୌମତ୍ୱ

୩.ଜାତିସଂଘ ନିରାପତ୍ତା ପରିଷଦରେ ମୋଟ ସଦସ୍ୟ ସଂଖ୍ୟା କେତେ ?

(କ)୫ (ଖ)୧୦ (ଗ)୧୫ (ଘ)୨୦

୪.କେଉଁ ଦେଶର ସମ୍ବିଧାନ ଅଲିଖିତ ସମ୍ବିଧାନର ଉତ୍କୃଷ୍ଟ ଉଦାହରଣ ?

(କ)ଯୁକ୍ତରାଷ୍ଟ୍ର ଆମେରିକା (ଖ)ଭାରତ (ଗ)ଅଷ୍ଟ୍ରେଲିଆ (ଘ)ଇଂଲଣ୍ଡ

୫.ଭାରତୀୟ ରାଷ୍ଟ୍ରସଂଘରେ କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରହିଛି ?

(କ)୨୫,୭ (ଖ)୨୭,୯ (ଗ)୨୯,୭ (ଘ)୨୯,୯

୬.ରାଜ୍ୟସଭାର ପଦପ୍ରଯୁକ୍ତ ଅଧ୍ୟକ୍ଷ କିଏ ?

(କ)ରାଷ୍ଟ୍ରପତି (ଖ)ପ୍ରଧାନମନ୍ତ୍ରୀ (ଗ)ଉପରାଷ୍ଟ୍ରପତି (ଘ)ପ୍ରଧାନ ବିଚାରପତି

୭.ରାଜ୍ୟସଭା ଓ ବିଧାନ ପରିଷଦ ସଦସ୍ୟମାନଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(କ)୪ (ଖ)୫ (ଗ)୬ (ଘ)୭

୮.ବର୍ତ୍ତମାନ ଲୋକସଭାର ସଦସ୍ୟ ସଂଖ୍ୟା ୫୪୫ । ଏହି ବ୍ୟବସ୍ଥା କେଉଁ ଜନଗଣନା ପର୍ଯ୍ୟନ୍ତ ବଳବତ୍ତର ରହିବ।

(କ)୨୦୨୧ (ଖ)୨୦୨୬ (ଗ)୨୦୧୬ (ଘ)୨୦୩୧

୯.ଉଚ୍ଚନ୍ୟାୟାଳୟର ବିଚାରପତିଙ୍କର ଅବସର ବୟସ କେତେବର୍ଷ ?

(କ)୬୦ (ଖ)୬୨ (ଗ)୬୫ (ଘ)୫୮

୧୦.ପୁଲିସ ବ୍ୟବସ୍ଥା କେଉଁ ତାଲିକାଭୁକ୍ତ ବିଷୟ ?

(କ)କେନ୍ଦ୍ର (ଖ)ରାଜ୍ୟ (ଗ)କେନ୍ଦ୍ର ଓ ରାଜ୍ୟ (ଘ)ଅବଶିଷ୍ଟ

## କମ୍ପ୍ୟୁଟର ଶିକ୍ଷା

୧.କୌଣସି ଡକୁମେଣ୍ଟକୁ କପି କରିବାପାଇଁ କେଉଁ ସର୍ଟକଟ୍ କି ବ୍ୟବହାର କରାଯାଏ ?

(କ)Shift+P (ଖ)Cntrl+P

(ଗ)Shift+C (ଘ)Cntrl+C

୨.ଆଲାଇନମେଣ୍ଟ ବଟମ୍ କେଉଁ ଟୁଲ୍‌ବାର୍‌ରେ ଉପଲବ୍ଧ ହୁଏ ?

(କ)ଷ୍ଟାଟସ୍ (ଖ)ଷ୍ଟାଣ୍ଡାର୍ଡ଼

(ଗ)ଫର୍ମାଟିଙ୍ଗ୍ (ଘ)କୌଣସିଟି ନୁହେଁ

୩.ଏଡିଟ୍ ମେନୁର କେଉଁଟି ଏକ ଅପସନ୍ ନୁହେଁ ?

(କ)କଟ୍ (ଖ)କପି

(ଗ)ପେଷ୍ଟ (ଘ)ପେଜ୍ ସେଟ୍‌ଅପ୍

୪.ଟେକ୍ସଟ୍‌ର ରଙ୍ଗ ପରିବର୍ତ୍ତନ କରି ହେବ କି ?

(କ)ହଁ (ଖ)ନାହିଁ

(ଗ)କୌଣସିଟି ନୁହେଁ

୫.ଏମ୍ ଏସ୍-ଏକ୍ସେଲ୍‌ରେ ବର୍ତ୍ତମାନର ସମୟ ରଖିବା ପାଇଁ କେଉଁ ସର୍ଟକଟ୍‌କି ବ୍ୟବହାର କରାଯାଏ ?

(କ)Cntrl+L (ଖ)Cntrl+;

(ଗ)Cntrl+P (ଘ)Cntrl+V

୬.ଏମ୍‌ଏସ୍-ଏକ୍ସେଲ୍‌ର ଫାଇଲ୍‌ର ଡିଫଲ୍ଟ ଏକ୍ସଟେନ୍‌ସନ୍ କେଉଁଟି ?

(କ)XLs (ଖ)XLw

(ଗ)Wk1 (ଘ)123

୭. PROTOCOL କାହାକୁ ନେଇ ଗଠିତ ?

(କ)TCD/IT (ଖ)TCP/IP

(ଗ)TCP/IT (ଘ)TCT/IP

୮.୮ ବିଟ୍‌କୁ କ'ଣ କୁହାଯାଏ ?

(କ)ବାଇଟ୍ (ଖ)ୱର୍ଡ

(ଗ)ରେକର୍ଡ (ଘ)ଫାଇଲ୍

୯. ଅଧିକ ସଂଖ୍ୟକ ଚେକ୍‌କୁ କାହାଦ୍ୱାରା ଶୀଘ୍ର ପ୍ରୋସେସ୍ କରିହୁଏ ?

(କ)OCR (ଖ)MICR

(ଗ)OMR (ଘ)ଉପରୋକ୍ତ ସମସ୍ତ

୧୦.FATର ପୂରା ନାମ କ'ଣ ?

(କ)File Access Tape (ଖ)File Allocation Tape

(ଗ)File Allocation Table (ଘ)File Activity Table

### ଉତ୍ତର

**୧.(ଖ)୧୯୩୦, ୨.(ଘ)ସାର୍ବଭୌମତ୍ୱ, ୩.(ଗ)୧୫, ୪.(ଘ)ଇଂଲଣ୍ଡ, ୫.(ଗ)୨୯,୭, ୬.(ଗ)ଉପରାଷ୍ଟ୍ରପତି, ୭.(ଗ)୬, ୮.(ଖ)୨୦୨୬, ୯.(ଖ)୬୨, ୧୦.(ଖ) ରାଜ୍ୟ**

**୧.(ଘ) Cntrl+C, ୨.(ଗ) ଫର୍ମାଟିଙ୍ଗ, ୩.(ଘ) ପେଜ୍ ସେଟ୍‌ଅପ୍, ୪.(କ)ହଁ, ୫.(ଖ) Cntrl+;, ୬.(କ)XLs, ୭.(ଖ)TCP/IP, ୮.(କ) ବାଇଟ, ୯.(ଖ) MICR, ୧୦.(ଖ) File Allocation Tape**



ସଂସାର ମଧ୍ୟରେ ଶ୍ରମିକ ସବୁଠାରୁ ଅଧିକ ସମ୍ମାନସ୍ପଦ ବ୍ୟକ୍ତି। ଯେଉଁ ଲୋକ ପରିଶ୍ରମ କରେ ନାହିଁ, ସେ ହେଉଛି ବଡ଼ ଅପରାଧୀ। - ବୁଦ୍ଧଦେବ

## ଗାଣିତିକ ପ୍ରଶ୍ନାବଳୀ

୧.FPS ଏକକ ପଦ୍ଧତିରେ ଲମ୍ବ ମାପର ମାନକ ଏକକ କ'ଣ ?

(କ)ଫୁଟ (ଖ)ଗଜ (ଗ)ମିଟର (ଘ)ମାଇଲ୍

୨.ଗଜ ମାପ ପ୍ରଥମେ କେଉଁ ଦେଶରେ ପ୍ରଚଳିତ ହୋଇଥିଲା ?

(କ)ଇଂଲଣ୍ଡ (ଖ)ଫ୍ରାନ୍ସ (ଗ)ଚୀନ (ଘ)ଜର୍ମାନୀ

୩. କେତେ ଫୁଟରେ ଏକ ଗଜ ହୁଏ ?

(କ)୨ ଫୁଟ (ଖ)୩ ଫୁଟ (ଗ)୪ ଫୁଟ (ଘ) ୫ ଫୁଟ

୪.ଦୁଗ୍ଧରେ ବିଶୁଦ୍ଧତା ଜାଣିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?

(କ)ହାଇଡ୍ରୋମିଟର (ଖ)ପିପେଟ୍

(ଗ)ଲାକ୍ଟୋମିଟର (ଘ)ଷ୍ଟ୍ରୋବୋସ୍କୋପ

୫.ପରୀକ୍ଷାଗାର କିମ୍ବା ପ୍ରତିଯୋଗିତାରେ କ୍ଷୁଦ୍ର ସମୟ ବ୍ୟବଧାନ ମାପ କରିବା ପାଇଁ କେଉଁ ଉପକରଣ ବ୍ୟବହୃତ ହୁଏ ?

(କ)ଷ୍ଟପ୍ ୱାଚ (ଖ)କାନ୍ଥ ଘଡ଼ି (ଗ)କ୍ୱାର୍ଜ ଘଡ଼ି (ଘ)ସାଧାରଣ ଘଡ଼ି

୬.୧ ବୋଲ୍ଟ କପଡ଼ା ମାନେ କେତେ ?

(କ)୪୦ ଫୁଟ (ଖ)୪୦ ଗଜ (ଗ)୪୦ ମିଟର (ଘ)୪୦ ଇଞ୍ଚ

୭. ୧ ହାତ ବା କ୍ୟୁବିଟ୍ ମାନେ କେତେ ?

(କ)୧.୮ ସେ.ମି (ଖ)୧୮ ସେ.ମି (ଗ)୧.୮ ମିଟର (ଘ)୧୮ ଇଞ୍ଚ

୮. ଦୁଇଟି ସଂଖ୍ୟାର ଯୋଗଫଳ ୧୪୪, ଗ.ସାଗୁ. ୯ ହେଲେ ଏହି ପରି କେତୋଟି ସଂଖ୍ୟା ଯୋଡ଼ୀ ରହିଛି ?

(କ)୨ଟି (ଖ)୩ଟି (ଗ)୪ଟି (ଘ) ୫ଟି

୯.କେଉଁ ସଂଖ୍ୟାକୁ ସେହି ସଂଖ୍ୟା ସହିତ ଗୁଣନକଲେ ବା ଭାଗକଲେ ଫଳ ସେହି ସଂଖ୍ୟା ହୁଏ ?

(କ)୦ (ଖ)୧ (ଗ)-୧ (ଘ)କୌଣସିଟି ନୁହେଁ

୧୦.କେଉଁ ସଂଖ୍ୟାଟି ପ୍ରତ୍ୟେକ ସଂଖ୍ୟାର ଗୁଣନୀୟକ ?

(କ)୦ (ଖ)୧ (ଗ)-୧ (ଘ)କୌଣସିଟି ନୁହେଁ

## ସାଧାରଣ ବିଜ୍ଞାନ

୧. ସମୟ-ବେଗ ଲେଖ ଓ ସମୟ ଅକ୍ଷ ମଧ୍ୟରେ ଆବଦ୍ଧ ଥିବା କ୍ଷେତ୍ରଫଳ କ'ଣ ସୂଚାଇଥାଏ ?

(କ)ଦୂରତା (ଖ)ବେଗ (ଗ)ସମୟ (ଘ)ତ୍ୱରଣ

୨.ବୃତ୍ତାକାର ପଥରେ ସମାନ ସମୟ ବ୍ୟବଧାନ ମଧ୍ୟରେ ସମାନ ଦୂରତା ଅତିକ୍ରମ କରି ଘୂରିବୁଲୁଥିବା କାର୍‌ଟିର ଗତି ?

(କ)ସମ ପରିବେଗବିଶିଷ୍ଟ (ଖ)ଅସମ ବେଗବିଶିଷ୍ଟ

(ଗ)ସମ ତ୍ୱରଣବିଶିଷ୍ଟ (ଘ)ସମ ବେଗ ଓ ସମ ତ୍ୱରଣବିଶିଷ୍ଟ

୩. ବିଶ୍ୱର ସବୁ ପ୍ରକ୍ରିୟାର ଅନ୍ତରାଳରେ କେତୋଟି ମୌଳିକ ବଳର ଭୂମିକା ରହିଛି ?

(କ)୧ଟି (ଖ)୨ଟି (ଗ)୩ଟି (ଘ) ୪ଟି

୪.ଏ ବିଶାଳ ବିଶ୍ୱର ସଂରଚନାରେ ଏକମାତ୍ର କ୍ରିୟାଶୀଳ ବଳ କେଉଁଟି ?

(କ)ବିଦ୍ୟୁତ୍ ଚୁମ୍ବକୀୟ ବଳ (ଖ)ମହାକର୍ଷଣ ବଳ

(ଗ)ଯାନ୍ତ୍ରିକ ବଳ (ଘ)ସୁଦୃଢ଼ ବଳ

୫.କେଉଁଟି ବର୍ତ୍ତୁଳାକାର ଦର୍ପଣର ପୃଷ୍ଠ ଭାଗରେ ଥାଏ ?

(କ)ବକ୍ରତା କେନ୍ଦ୍ର (ଖ)ଫୋକସ୍

(ଗ)ପୋଲ (ଘ)ପ୍ରମୁଖ ଅକ୍ଷ

୬. ଲେନସ୍‌ର ପାୱାରର ଏକକ କ'ଣ ?

(କ)ମିଟର (ଖ)ଡାୟୋପ୍ଟର (ଗ)ଡାୟାମିଟର (ଘ)ନାହିଁ

୭.କେଉଁଥିରେ ସର୍ବଦା ସଳଖ ଓ ଆଭାସୀ ପ୍ରତିବିମ୍ବ ଗଠିତ ହୁଏନାହିଁ ?

(କ)ସମତଳ ଦର୍ପଣ (ଖ)ଅବତଳ ଦର୍ପଣ

(ଗ)ଉତ୍ତଳ ଦର୍ପଣ (ଘ)ଅବତଳ ଲେନ୍‌ସ

୮. ଏକ କ୍ରାଉନ୍ କାଚର ପ୍ରତିସରଣାଙ୍କ କେତେ ?

(କ)୧.୩୩ (ଖ)୧.୫୨ (ଗ)୧.୫୦ (ଘ)୧.୫୩

୯. ଗୋଟିଏ ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବର ବର୍ଦ୍ଧନ କେତେ ?

(କ)୦ (ଖ)+୧ (ଗ)-୧ (ଘ)୧

୧୦. କେଉଁଟି ମେଣ୍ଡେଲଙ୍କ ଏକ ସଂକରଣ ପଦ୍ଧତି ସହ ସଂପର୍କିତ ନୁହେଁ ?

(କ)ଏକକଗୁଣ ନୀତି (ଖ)ପ୍ରଭାବୀଗୁଣ ନୀତି

(ଗ)ପୃଥକୀକରଣ ନିୟମ (ଘ)ସ୍ୱାଧୀନ ଅପବ୍ୟୁହନ ନିୟମ

### ଉତ୍ତର

**୧.(କ) ଫୁଟ, ୨.(କ) ଇଂଲଣ୍ଡ, ୩.(ଖ)୩ ଫୁଟ, ୪.(ଗ) ଲାକ୍ଟୋମିଟର , ୫.(କ)ଷ୍ଟପ୍‌ୱାଚ, ୬.(ଖ)୪୦ ଗଜ, ୭.(ଗ)୪ଟି, ୮.(ଘ)୧୮ ଇଞ୍ଚ, ୯.(ଖ)୧, ୧୦.(ଖ)୧ (କ)୦**

**୧.(କ)ଦୂରତା,୨.(ଘ)ସମ ବେଗ ଓ ସମ ତ୍ୱରଣବିଶିଷ୍ଟ, ୩.(ଘ)୪ଟି, ୪.(ଖ)ମହାକର୍ଷଣ ବଳ, ୫.(ଗ)ପୋଲ, ୬.(ଖ)ଡାୟୋପ୍ଟର, ୭.(ଖ)ଅବତଳ ଦର୍ପଣ, ୮.(ଘ)୧.୫୩, ୯.(ଘ)୧, ୧୦.(ଘ)ସ୍ୱାଧୀନ ଅପବ୍ୟୁହନ ନିୟମ**



କର୍ମ ହିଁ ଜୀବନକୁ ପ୍ରକୃତ ଶକ୍ତି ଦିଏ - କର୍ମକୁଣ୍ଠା ହେଉଛି ଜୀବନର ଦୁର୍ବଳତା। - ରିଖ୍‌ଟର

## ଜିଲ୍ଲା

୧. ଜିଲ୍ଲାର ନାମ - କଟକ
୨. ଗଠନ - ୧ ଏପ୍ରିଲ, ୧୯୪୮
୩. କ୍ଷେତ୍ରଫଳ - ୩୯୩୨ବର୍ଗ.କି.ମି
୪. ଜନସଂଖ୍ୟା - ୨୬୧୮୭୦୮
(କ) ପୁରୁଷ - ୧୩୩୯୧୫୩
(ଖ) ମହିଳା - ୧୨୭୯୫୫୫
୫. ଉପଖଣ୍ଡ - ୩
୬. ତହସିଲ - ୧୫(ଟାଙ୍ଗି, ନିଆଳି, କଣ୍ଟାପଡ଼ା, ତିଗିରିଆ, ବଡ଼ମ୍ବା, ନରସିଂହପୁର, ବାରଙ୍ଗ, ଡ଼ମପଡ଼ା, ଆଠଗଡ଼, କିଶନନଗର, ବାଙ୍କୀ, ମାହାଙ୍ଗା, ସାଲେପୁର, କଟକ ସଦର, ନିଶ୍ଚିନ୍ତ କୋଇଲି)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୧୪(ନିଆଳି, କଣ୍ଟାପଡ଼ା, ତିଗିରିଆ, ବଡ଼ମ୍ବା, ନରସିଂହପୁର, ବାରଙ୍ଗ, ଡ଼ମପଡ଼ା, ଚୌଦ୍ୱାର, ଆଠଗଡ଼, କିଶନନଗର, ବାଙ୍କୀ, ମାହାଙ୍ଗା, ସାଲେପୁର, କଟକ ସଦର, ନିଶ୍ଚିନ୍ତ କୋଇଲି)
୮. ଗ୍ରାମ ପଞ୍ଚାୟତ - ୩୪୨ ୯. ଗ୍ରାମ - ୧୯୫୨
୧୦. ଥାନା - ୪୮
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୧
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୯
(୮୭. ବଡ଼ମ୍ବା, ୮୮. ବାଙ୍କି, ୮୯. ଆଠଗଡ଼, ୯୦.ବାରବାଟୀ କଟକ, ୯୧. ଚୌଦ୍ୱାର କଟକ, ୯୨. ନିଆଳି, ୯୩. କଟକ ସଦର, ୯୪. ସାଲେପୁର, ୯୫. ମାହାଙ୍ଗା)
୧୪. ଶିଶୁ ଜନସଂଖ୍ୟା (୦-୬ ବର୍ଷ) - ୨୫୧୧୫୨
୧୫. ସାକ୍ଷରତା ହାର - ୮୪.୨୦%
୧୬. ପୁରୁଷ ସାକ୍ଷରତା ହାର - ୯୦.୫୧%
୧୭. ମହିଳା ସାକ୍ଷରତା ହାର - ୭୭.୬୪%
୧୮. ଜନସଂଖ୍ୟା ବୃଦ୍ଧି ହାର - ୧୧.୮୬%
୧୯. ଜନସଂଖ୍ୟା ଘନତ୍ୱ - ୬୬୬/ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୫୫
୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୧୨୭
୨୨. ନିଆଁଲିଭା କେନ୍ଦ୍ର - ୧୦
୨୩. ଲୋକସଭା ଆସନ ସଂଖ୍ୟା - ୧
୨୪. ଜଙ୍ଗଲ ଜମି - ୧୬୩୬.୫୫ ବର୍ଗ କି.ମି
୨୫. ହାରାହାରି ତାପମାତ୍ରା - ସର୍ବନିମ୍ନ ୭.୫୦
- ସର୍ବୋଚ୍ଚ ୪୪.୨୦
୨୬. ସାଧାରଣ ବୃଷ୍ଟିପାତ - ୧୪୨୪.୩ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.୦୫
୨୮. ପର୍ଯ୍ୟଟନସ୍ଥଳୀ - ଅଂଶୁପା ହ୍ରଦ, ବାଙ୍କି ଧର୍ମକେନ୍ଦ୍ର, ଭଟ୍ଟାରିକା ଧର୍ମକେନ୍ଦ୍ର

## ଫେବୃୟାରୀ | ମାର୍ଚ୍ଚ

### ପର୍ବପର୍ବାଣୀ

**ଫେବୃୟାରୀ**

ତା ୧ - ଭୈମୀ ଏକାଦଶୀ (ବଡ଼), ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ, ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ
ତା ୨ - ଭକ୍ତ ମଧୁ ଶ୍ରାଦ୍ଧ
ତା ୩ - ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ
ତା ୪ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା
ତା ୫ - ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଗଜ ଉଦ୍ଧାରଣ ବେଶ, ଅଗ୍ନ୍ୟୁତ୍ସବ, ଚନ୍ଦ୍ରପୂଜା ଓ ଯୋରନ୍ଦା ମେଳା
ତା ୧୨ - ମାସନ୍ତ
ତା ୧୩ - କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା ୧୬ - ପଙ୍କୋଦ୍ଧାର ଏକାଦଶୀ ଓ ହଳ ନିଷେଧ
ତା ୧୭ - ଶରଣ ପଞ୍ଚକ ଆରମ୍ଭ
ତା ୧୮ - ମହାଶିବ ରାତ୍ରି (ଜାଗର)
ତା ୧୯ - ଚନ୍ଦ୍ରକ୍ଷୟ, ନିଶିପାଳନ, ନଷ୍ଟ ଚନ୍ଦ୍ରୋପବାସ, ହଳ ନିଷେଧ
ତା ୨୦ - ଫାଲଗୁନ ଅମାବାସ୍ୟା
ତା ୨୧ - ଦ୍ୱିତୀୟା ଚନ୍ଦ୍ରଦର୍ଶନ ଓ ଶରଣ ଶେଷ
ତା ୨୬ - ବିଜୟା ସପ୍ତମୀ ସ୍ନାନ

**ମାର୍ଚ୍ଚ**

ତା ୧ - ଫଗୁ ଦଶମୀ
ତା ୩ - ସର୍ବସମ୍ମତ ପାପନାଶିନୀ (ଆମର୍ଦ୍ଦକୀ) ଏକାଦଶୀ
ତା ୪ - ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା ୫ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା ୬ - ବରାହ ଦୋଳ, ରାଜାଗ୍ନି, ଓଳକଣା ମେଲଣ ଓ ଚନ୍ଦ୍ରପୂଜା
ତା ୭ - ଦୋଳ ପୂର୍ଣ୍ଣିମା, ଶ୍ରୀ ଜୀଉଙ୍କର ରାଜବେଶ ଓ ଶ୍ରୀ ଚୈତନ୍ୟ ଦେବଙ୍କର ଜନ୍ମୋତ୍ସବ
ତା ୮ - ହୋଲି ଉତ୍ସବ
ତା ୧୧ - ପଞ୍ଚୁଦୋଳ
ତା ୧୩ - ସ୍କନ୍ଧ ଷଷ୍ଠୀ
ତା ୧୪ - ତାରାତାରେଣୀ ଯାତ୍ରା ଓ ମାସାନ୍ତ
ତା ୧୫ - ମୀନ ସଂକ୍ରାନ୍ତି ଓ ହ.ନି.,
ତା ୧୭ - ଶରଣ ଆରମ୍ଭ
ତା ୧୮ - ପାପମୋଚନୀ ଏକାଦଶୀ ଓ ହଳ ନିଷେଧ
ତା ୧୯ - ବାରଣୀ ସ୍ନାନ
ତା ୨୦ - ସ୍ନୁହା ଚତୁର୍ଦ୍ଦଶୀ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା
ତା ୨୧ - ମଧୁ ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ, ନଷ୍ଟ ଚନ୍ଦ୍ରୋପବାସ, ଶରଣ ଶେଷ ଓ ହ.ନି.
ତା ୨୨ - ସୃଷ୍ଟ୍ୟାରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ, ସମ୍ବତ ୨୦୮୦ ପ୍ରବେଶ, ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭଃ
ତା ୨୩ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ
ତା ୨୪ - ରମଜାନ ମାସ ଆରମ୍ଭ
ତା ୨୬ - ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ବିଲ୍ୱବରଣ
ତା ୨୭ - ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା ଓ ଶ୍ରୀ ମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା
ତା ୨୮ - ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠାତା ଓ ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ମହାଅଷ୍ଟମୀ ପୂଜା
ତା ୨୯ - ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ମହାନବମୀ ପୂଜା ଓ ଶ୍ରୀମନ୍ଦିରରେ ଜେଉଟ ଭୋଗ
ତା ୩୦ - ଶ୍ରୀ ରାମ ନବମୀ ଓ ବାସନ୍ତୀକା ଶ୍ରୀଦୁର୍ଗାଦେବ୍ୟାଃ ବିଶ୍ରାମ
ତା ୩୧ - ବାସନ୍ତୀକା ଦଶହରା ଓ ଶ୍ରୀମନ୍ଦିରେ ଯଜ୍ଞ ରକ୍ଷା

### ମୁଖ୍ୟ ଦିବସ

**ଫେବୃୟାରୀ**

ତା ୧ - ଭାରତୀୟ ତଟରକ୍ଷୀ ବାହିନୀ ଦିବସ
ତା ୨ - ବିଶ୍ୱ ଆଦ୍ରଭୂମି ଦିବସ,
ତା ୪ - ବିଶ୍ୱ କ୍ୟାନସର ଦିବସ, ଶ୍ରୀଲଙ୍କାର ଜାତୀୟ ଦିବସ
ତା ୬ - ମହିଳା ଯୌନ ଶୋଷଣ ବିରୁଦ୍ଧରେ ଅନ୍ତର୍ଜାତୀୟ ଦିବସ, ଜାମ୍ମୁ-କାଶ୍ମୀର ଜାତୀୟ ଦିବସ
ତା ୭ - ଅନ୍ତର୍ଜାତୀୟ ବିକାଶ ସପ୍ତାହ
ତା ୧୦ - କୃମିମୁକ୍ତି ଦିବସ
ତା ୧୧ - ବିଶ୍ୱ ଅସୁସ୍ଥତା ଦିବସ, ବିଶ୍ୱ ବିବାହ ଦିବସ, ବିଜ୍ଞାନ କ୍ଷେତ୍ରରେ ମହିଳା ଏବଂ ବାଳିକା ଅନ୍ତର୍ଜାତିକ ଦିବସ
ତା ୧୨ - ଡାରୱିନ୍ ଦିବସ, ଆବ୍ରାହାମ୍ ଲିଙ୍କନଙ୍କ ଜନ୍ମ ଦିନ
ତା ୧୩ - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ
ତା ୨୧ - ଅନ୍ତର୍ଜାତିକ ମାତୃଭାଷା ଦିବସ
ତା ୨୨ - ଅନ୍ତର୍ଜାତିକ ସ୍କାଉଟ୍ ଦିବସ
ତା ୨୩ - ବିଶ୍ୱ ଶାନ୍ତି ଏବଂ ବୁଝାମଣା ଦିବସ
ତା ୨୪ - କେନ୍ଦ୍ରୀୟ ଅବକାରୀ ଦିବସ
ତା ୨୭ - ବିଶ୍ୱ ବେସରକାରୀ ସଙ୍ଗଠନ ଦିବସ
ତା ୨୮ - ଜାତୀୟ ବିଜ୍ଞାନ ଦିବସ, ବିରଳ ରୋଗ ଦିବସ

**ମାର୍ଚ୍ଚ**

ତା ୧ - ଶୂନ୍ୟ ଭେଦଭାବ ଦିବସ, ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ
ତା ୩ - ଜାତୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟଜନ୍ତୁ ଦିବସ, ବିଶ୍ୱ ଶ୍ରବଣ ଦିବସ
ତା ୪ - ଜାତୀୟ ସୁରକ୍ଷା ଦିବସ
ତା ୫ - ବିଜୁପଟ୍ଟନାୟକ ଜୟନ୍ତୀ, ପଞ୍ଚାୟତରାଜ ଦିବସ
ତା ୮ - ଅନ୍ତର୍ଜାତୀୟ ମହିଳା ଦିବସ, ଧୂମ୍ରପାନ ବର୍ଜନ ଦିବସ
ତା ୯ - ବିଶ୍ୱ ବୃକକ ଦିବସ
ତା ୧୦ - ସି.ଆଇ.ଏସ.ଏଫ୍ ସ୍ଥାପନା ଦିବସ
ତା ୧୧ - ଆଣ୍ଡାମାନ୍ ଓ ନିକୋବର ଜାତୀୟଦିବସ
ତା ୧୨ - ସି.ଆଇ.ଏସ୍.ଏଫ୍ ଦିବସ
ତା ୧୪ - ନଦୀଗୁଡିକ ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟ ଦିବସ, ପାଇ (Π) ଦିବସ
ତା ୧୫ - ବିଶ୍ୱ ଖାଉଟି ଅଧିକାର ଦିବସ
ତା ୧୬ - ଜାତୀୟ ଟୀକା କରଣ ଦିବସ, ବିଶ୍ୱ ଶୟନ ଦିବସ
ତା ୧୮ - ଆୟୁଦ୍ଧ କାରଖାନା ଦିବସ(ଭାରତ)
ତା ୨୦ - ଅନ୍ତର୍ଜାତୀୟ ଆନନ୍ଦ ଦିବସ, ବିଶ୍ୱ ଘର ଚଟିଆ ଦିବସ
ତା ୨୧ - ବିଶ୍ୱ କବିତା ଦିବସ, ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ, ବିଶ୍ୱ ବନବିଭାଗ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ, ଆତ୍ମ ବଳିଦାନ ଦିବସ (ସହିଦ ଦିବସ)
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୭ - ବିଶ୍ୱ ରଙ୍ଗମଞ୍ଚ ଦିବସ



କର୍ମ ଉପରେ ଆମର ଅକ୍ତିଆର ଅଛି- ପରିଣାମ ତ ଭଗବାନଙ୍କ ହାତରେ। - ଫ୍ରାନ୍ସିସ

## ଗୀତିକବିତା ଶବ୍ଦଗୁଚ୍ଛରେ ନୂଆବର୍ଷକୁ ସ୍ୱାଗତ



୨୦୨୩ର ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା ଭାବରେ, ପ୍ରୀତିରେ, ପ୍ରେମର ଗୀତିକବିତା ଶବ୍ଦ ଗୁଚ୍ଛ ମାନଙ୍କରେ। ଜବାହାରଲାଲ ସୁବୁଦ୍ଧିଙ୍କ ଅଧକ୍ଷତାରେ ବିଶ୍ୱାମିତ୍ର ଜନସେବୀ ଟ୍ରଷ୍ଟ ମୁକୁନ୍ଦପ୍ରସାଦ, ଖୋର୍ଦ୍ଧାରେ ଆମରି ସତ୍ୟ ବିକାଶ ପରିଷଦ ଆନୁକୁଲ୍ୟରେ ଏକ ଗୀତି କବିତା ଆସର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି।ଏହି ଅବସରସରେ ଗୀତିକବି ରମେଶ ମଙ୍ଗରାଜଙ୍କର ଗୀତି କବିତା ପୁସ୍ତକ 'ଡାଇରୀ ସାଇଟା କବିତା' ଉନ୍ମୋଚିତ ହେବା ସହ ଗୀତିକବିତା ସମ୍ପର୍କରେ ଆଲୋଚନାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗୀତିକବି ବିପିନ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ଡ ଶରଚନ୍ଦ୍ର ମହାପାତ୍ର, ତ୍ରିଲୋଚନ ମହାପାତ୍ର ଯୋଗଦେଇ ଗୀତିକବିତା ଶବ୍ଦ ସଂଯୋଜନା ଗୀତି କବିତାକୁ ବରିଷ୍ଠ କରିପାରିବ ବୋଲି ଅଭିମତ ବାଢିଥିଲେ। ଅଧାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଡ.ସୁକାନ୍ତୀ ମହାପାତ୍ର, ଆରତୀ ମଞ୍ଜରୀ ଦାଶ, କାଶୀନାଥ ଦାସ, ବାସୁଦେବ ସାହୁ, ବିଭୂପ୍ରସାଦ ହରିଚନ୍ଦନ, ବାସନ୍ତୀ ଦେଇ, ପଦ୍ମଲୋଚନ ସାହୁ, ଦିବ୍ୟଲୋଚନ ଭାରୀମଲ୍ଲ, ଜଗନ୍ନାଥ ନାୟକ, ଆଦି ନାରାୟଣ ଖଣ୍ଡୁଆଳ, ପ୍ରଫୁଲ କୁମାର ସାମନ୍ତରାୟ, ବିଳାସିନୀ ଦାଶ, ସମରଜିତ୍ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଗୀତିକବି କବିତା ଆବୃତି କରିଥିଲେ। ଏଥିରେ ଯୋଗ ଦେଇଥିଲେ ଗାଳ୍ପିକ ସୁନିଲ ବୋଷ, କବି ନଟବର ସାହୁ , କିଶୋର ପରମଗୁରୁ, ବିରଞ୍ଚ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଜଗଦୀଶ ପଟ୍ଟନାୟକ ଏବଂ କିଶୋର କୁମାର ପାଇକରାୟ। ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଓ ରାମଶଙ୍କର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଆଇନଜୀବୀ ବସନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମରି ସତ୍ୟ' ପତ୍ରିକା ଉନ୍ମୋଚିତ



ଖୋର୍ଦ୍ଧା ମହୋତ୍ସବର ଦ୍ୱିତୀୟ ଦିବସରେ ମାସିକ ଓଡ଼ିଆ ପତ୍ରିକା 'ଆମରି ସତ୍ୟ'ର ପୁସ୍ତକ ଘର ଓ ଡିସେମ୍ବର ମାସ ସଂଖ୍ୟା ଗୁରୁବାର ଉନ୍ମୋଚନ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ଜବାହରଲାଲ ସୁବୁଦ୍ଧି, ରୋଟାରିଆନ୍ ଆଦି ନାରାୟଣ ଖଣ୍ଡୁଆଳ, ନାଟ୍ୟକାର ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ, ଦାଶରଥି ପଟ୍ଟନାୟକ, ବାସୁଦେବ ସାହୁ, ବିଜୟ କୁମାର ବ୍ରହ୍ମା, ଆମରି ସତ୍ୟର ଉପଦେଷ୍ଟା ରାମଶଙ୍କର ଯୋଗ ଦେଇଥିଲେ।






















Volume - 13 ● Issue No. 08 ● Monthly ● February - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA KHORDHA

SENIOR SECONDARY SCHOOL

Code No. - 16137

Affiliated to CBSE, New Delhi - 1530380



Admission Open for

Nursery to Std.-XI

INTEGRATED COACHING

- NEET, JEE, JIPMER, NISER, IISER INTERNATIONAL OLYMPIAD, NDA etc.
- Counseling Cell
- Scholarship
- Separate Hostel for Boys & Girls

RTE 25% Reserved for Std.-I

ARYAVART ANCIENT ACADEMY

*An initiative of People's Forum Foundation*

Plot No. 684, Haldipada, Khordha, Pin - 752056

Email : aryavartaa.krd@gmail.com, Website : www.aryavartancientacademy.in

Contact : 6372866816, 9178387717

Toll Free : 1800 120 22 3333


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057

Editor : Dr. Prasanna Kumar Jena

Founder : Dr. Pramod Chandra

From